# ଭାରତର ଭବିଷ୍ୟତ

## ଶ୍ରୀମା

୧. ଭାରତର ଭବିଷ୍ୟତ ଅତି ସ୍ପଷ୍ଟ । ଭାରତ ସମଗ୍ର ଜଗତର ଗୁରୁ । ପୃଥିବୀର ଭବିଷ୍ୟତ ରୂପରେଖ ଭାରତ ଉପରେ ନିର୍ଭର କରେ । ଭାରତହିଁ ଜୀବନ୍ତ ଆତ୍ମା । ଭାରତ ସମଗ୍ର ଜଗତରେ ଆଧ୍ୟାତ୍ମିକ ଜ୍ଞାନ ଉତାରି ଆଣିଅଛି । ଭାରତ ସରକାର ଏ ଦିଗରେ ଭାରତର ଏହି ବିଶେଷ ମହତ୍ତ୍ୱକୁ ଉପଲବ୍ଧି କରିବା ଉଚିତ ଏବଂ ତାଙ୍କର କାର୍ଯ୍ୟକଳାପ ସେହିପରି ସଂଗଠିତ ହେବା ଉଚିତ ।
(M.C.W. Vol. 3, p. 361)

*

୨. ସମଗ୍ର ଜଗତର ମଙ୍ଗଳ ନିମିତ୍ତ ଭାରତକୁ ରକ୍ଷା କରିବାକୁ ହେବ, କାରଣ ଭାରତ ହେଉଛି ଏକମାତ୍ର ଦେଶ ଯାହା ସମଗ୍ର ପୃଥିବୀକୁ ଶାନ୍ତି ଓ ନୂତନ ଜଗତ ଗଠନ ଦିଗରେ ପରିଚାଳିତ କରିପାରେ । (ibid)

*

୩. ବର୍ତ୍ତମାନ ଭାରତର ସର୍ବପ୍ରଥମ ସମସ୍ୟା ହେଲା ତା'ର ଅନ୍ତରାତ୍ମାକୁ ଆବିଷ୍କାର କରିବା ଏବଂ ତାକୁ ପ୍ରଘଟ କରିବା ।
(ibid, p. 378)

*

୪. ଏକମାତ୍ର ଭାଗବତ ଶକ୍ତିହିଁ ଭାରତକୁ ସହାୟତା କରିପାରେ । ଯଦି ତୁମ୍ଭେମାନେ ଦେଶରେ ବିଶ୍ୱାସ ଓ ସଂହତି ସୃଷ୍ଟି କରିପାର ତେବେ ଯେକୌଣସି ମାନବ ସୃଷ୍ଟ ଶକ୍ତି ଅପେକ୍ଷା ତାହା ଅଧିକ ଶକ୍ତିଶାଳୀ ହେବ ।
(ibid, p. 361)

*



*ଜାତୀୟ ଏକତା ବିଷୟରେ ଦେଶ ଅତ୍ୟନ୍ତ ଉଦ୍‌ବେଗ ଅନୁଭବ କରୁଛି । ମାଆ ଯାବତୀୟ ଘଟଣାର ଭବିଷ୍ୟକୁ କିପରି ଦୃଷ୍ଟିରେ ଦେଖୁଛନ୍ତି ? ଭାରତବର୍ଷ ସ୍ୱୟଂ ତଥା ପୃଥିବୀ ଦ୍ୱାରା ପ୍ରେରିତ ହୋଇ କିପରି ଆପଣାର କର୍ତ୍ତବ୍ୟ କରି ପାରିବ ?*

୫. ପୃଥିବୀର ସକଳ ଜାତି ଏକତାବଦ୍ଧ ହୋଇ ରହିବେ, ଭବିଷ୍ୟତରେ ଏହାକୁ ଅବଶ୍ୟ ସମ୍ଭବ କରିବାକୁ ହେବ । ମାତ୍ର ସକଳ ଜାତିର ଏକତାକୁ ସମ୍ଭବ କରିବାକୁ ହେଲେ, ପ୍ରତ୍ୟେକ ଜାତିକୁ ପ୍ରଥମେ ନିଜର ଏକତା ହାସଲ କରିବାକୁ ପଡ଼ିବ । (ibid, p. 370-71)

*

*ବର୍ତ୍ତମାନ ସଙ୍କଟରେ ଭାରତବାସୀର କର୍ତ୍ତବ୍ୟ କ'ଣ ?*

*୬.* ନିଜର କ୍ଷୁଦ୍ର ଅହଂଗତ ବ୍ୟକ୍ତିତ୍ୱକୁ ଅତିକ୍ରମ କରି ଅଗ୍ରସର ହୁଅ ଏବଂ ଆମ୍ଭମାନଙ୍କ ଭାରତମାତାର ସୁଯୋଗ୍ୟ ସନ୍ତାନ ହୋଇଉଠ । ସତ୍ୟ ଓ ସାଧୁଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କର । ଭଗବାନଙ୍କ କରୁଣା ଉପରେ ସ୍ଥିର ନିର୍ଭରତା ରଖି ସର୍ବଦା ପ୍ରଫୁଲ୍ଲ ଏବଂ ଦୃଢ଼ ରହ । (ibid, p. 366)

*

୭. ('ମାତୃପତାକା' ବିଷୟରେ ଯେଉଁଥିରେ କି ଏକ ରୌପ୍ୟ-ନୀଳ ପୃଷ୍ଠଭୂମି ଉପରେ ସୁନେଲି ରଙ୍ଗରେ ତାଙ୍କର ପ୍ରତୀକଟି ଠିକ୍ କେନ୍ଦ୍ରରେ ଅଙ୍କିତ ହୋଇ ରହିଛି ।)

ଏହା ହେଉଛି ଭାରତବର୍ଷର ଆଧ୍ୟାତ୍ମିକ ବ୍ରତର ପତାକା । ଏବଂ ଏହି ବ୍ରତଟିର ସମ୍ପାଦନ ଦ୍ୱାରାହିଁ ଭାରତୀୟ ଏକତାର ଉପଲବ୍ଧି ହୋଇ ପାରିବ ।
(ibid, p. 360) ୧୫ ଅଗଷ୍ଟ ୧୯୪୭

*

*୮. (ମା'ଙ୍କର ''ଭାରତ ମାନଚିତ୍ର'' ବିଷୟରେ, ଯେଉଁଥିରେ କି ପାକିସ୍ତାନ, ନେପାଳ, ସିକ୍କିମ୍, ଭୁଟାନ୍, ବାଂଲାଦେଶ, ବ୍ରହ୍ମଦେଶ ଓ*

*ଶ୍ରୀଲଙ୍କା ଅନ୍ତର୍ଭୁକ୍ତ ହୋଇ ରହିଛି । ନିମ୍ନସ୍ଥ ବାଣୀରେ ଯେଉଁ ବିଭାଜନର ଉଲ୍ଲେଖ କରାଯାଇଛି, ତାହା ପାକିସ୍ତାନ ଓ ଭାରତବର୍ଷର ବିଭାଜନକୁ ବୁଝାଉଛି ।)*

ବିଭାଜନ ପରେହିଁ ଏହି ମାନଚିତ୍ରଟିକୁ ତିଆରି କରାଯାଇଥିଲା ।

ସାମୟିକ ସକଳ ପରିବର୍ତ୍ତନ ଓ ପ୍ରତୀତି ସତ୍ତ୍ୱେ ଏହାହିଁ ପ୍ରକୃତ ଭାରତବର୍ଷର ମାନଚିତ୍ର ଏବଂ ତାହା ଚିରକାଳଲାଗି ପ୍ରକୃତ ଭାରତବର୍ଷର ମାନଚିତ୍ର ହୋଇ ରହିବ । ଲୋକେ ତାହା ବିଷୟରେ ଯାହାକିଛି ଭାବିଲେ ମଧ୍ୟ ତାହା ସେହିପରି ହୋଇ ରହିବ ।

(ibid, p. 368) ୧୯ ଜୁଲାଇ ୧୯୬୪

*

ମନ୍ତ୍ର

୯. ହେ ପରମ ପ୍ରଭୁ, ଚିରନ୍ତନ ସତ୍ୟ
ଆମେ କେବଳ ତୁମର ଆଜ୍ଞାବହ ହୋଇଉଠୁ,
ଏବଂ ସତ୍ୟକୁ ଆଶ୍ରୟ କରି ଜୀବନଯାପନ କରୁ ।

(ibid, p. 379) ଜୁନ୍ ୧୯୭୧

## ଭାରତର ଆଭିମୁଖ୍ୟ

ପ୍ରତ୍ୟେକ ଜାତି ହେଲା ବୃହତ୍ତର ମାନବ-ସମାଜର ବିବର୍ତ୍ତମାନ ଆତ୍ମାର ଏକ ଶକ୍ତି ବା ସାମର୍ଥ୍ୟ ଏବଂ ତାହା ଯେଉଁ ତତ୍ତ୍ୱକୁ ମୂର୍ତ୍ତ କରିଥାଏ ତାହାରି ଦ୍ୱାରାହିଁ ବଞ୍ଚିରହେ । ଭାରତହିଁ ହେଲା ଭାରତ-ଶକ୍ତି, ଏକ ମହାନ୍ ଅଧ୍ୟାତ୍ମ-ତତ୍ତ୍ୱର ଜୀବନ୍ତ ଦେବୀ ଏବଂ ତାହାଙ୍କ ପ୍ରତି ବିଶ୍ୱସ୍ତ ହେବାହିଁ ଭାରତ ଅସ୍ତିତ୍ୱର ପ୍ରଧାନ ଧର୍ମ । କାରଣ ଏହାରି ପୁଣ୍ୟ ବଳରେ ଭାରତ ଏକ ଅମର ଜାତିରେ ପରିଣତ ହୋଇଛି ଏବଂ ତାହାର ପୁନଃ ପୁନଃ ଜାଗରଣ, ଉତ୍‌ଥାନ ଓ ଆଶ୍ଚର୍ଯ୍ୟଜନକ ରୂପେ ଆଜିପର୍ଯ୍ୟନ୍ତ ବଞ୍ଚିରହିବା ପଶ୍ଚାତରେ ଏହି ରହସ୍ୟହିଁ ନିହିତ ଅଛି ।

— ଶ୍ରୀଅରବିନ୍ଦ

ଭାରତ ସ୍ୱାଧୀନତା ହେବାର ପଚିଶବର୍ଷ* ହୋଇଗଲା । ଏଥି ମଧ୍ୟରେ ଆମ୍ଭେମାନେ ଗୋଟିଏ ଶକ୍ତିଶାଳୀ, ସୁଦୃଢ଼, ସଂଗଠିତ ରାଷ୍ଟ୍ରରେ ପ୍ରତିଷ୍ଠିତ ହେବାକୁ କଠୋର ଉଦ୍ୟମ କରିଆସିଛୁ । ଜାତି ଓ ଦେଶ ହିସାବରେ ଭାରତ ପୃଥିବୀର ଅନ୍ୟାନ୍ୟ ସକଳ ସମୃଦ୍ଧ ଓ ଉନ୍ନତ ଜାତିମାନଙ୍କର ସମକକ୍ଷ ହେଉ, — ଏହି ମହାନ୍ ଅଭୀପ୍ସା ବରାବର ରଖିଆସିଛୁ । ଦେଶର ବହୁବିଧ ସମସ୍ୟା ପ୍ରତି ଦୃଷ୍ଟିପାତ କରି ଯୋଜନାବଦ୍ଧ ଭାବରେ ଦେଶର ଉନ୍ନତି ନିମିତ୍ତ ପ୍ରୟାସ କରୁଅଛୁ । ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଦ୍ୱାରା ଦେଶରୁ ଦାରିଦ୍ର୍ୟ, ଅଭାବ ଓ ଅନାଟନ ଦୂର କରି ଏକ ଜନକଲ୍ୟାଣ-ରାଷ୍ଟ୍ର ବା ସୁଖୀ-ସମାଜ ଗଠନ କରିବାକୁ ଅଜସ୍ର ଅର୍ଥ, ବିପୁଳ ଜନ-ସାମର୍ଥ୍ୟ ଓ ଅପରିମିତ ସମୟ ବିନିଯୋଗ କରିବାକୁ କୁଣ୍ଠାବୋଧ କରି ନାହୁଁ । ହୀରାକୁଦ, ଭାକ୍ରାନଙ୍ଗଲ, ଭିଲାଇ, ରାଉରକେଲା, ଦୁର୍ଗାପୁର ପ୍ରଭୃତି ବୃହତ୍ ଯୋଜନା ଏବଂ ବିରାଟ

* ଏହା ପୁସ୍ତକ ରଚନାକଳ ୧୯୭୨ ହୋଇଥିବା ଦୃଷ୍ଟିରୁ ।



ଶିଳ୍ପମାନ ପ୍ରତିଷ୍ଠା କରି ଦେଶର ପୁଞ୍ଜି ଓ ଶିଳ୍ପ-ସମ୍ପଦ ବୃଦ୍ଧି କରିବାକୁ ଆଗଭର ହୋଇପଡ଼ିଛୁ । ଶିକ୍ଷା ଓ ସଂସ୍କୃତିର କ୍ଷେତ୍ରରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ ପାଇଁ ବହୁ ଉଦ୍ୟମ ଚାଲିଛି । ବିରାଟ ବିରାଟ କାରିଗରୀ-ଶିକ୍ଷାକେନ୍ଦ୍ର, ବହୁ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଛୁ । ଶିକ୍ଷା, ଖାଦ୍ୟ, ବାସଗୃହ, ପାନୀୟଜଳ, ରାସ୍ତା, ଘାଟ, ଡାକ୍ତରଖାନା, ଶିଳ୍ପ-କେନ୍ଦ୍ର ପ୍ରତିଷ୍ଠା, ଏପରିକି କ୍ଷୁଦ୍ର, ବୃହତ୍, ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ଆମ୍ଭେମାନେ କାର୍ଯ୍ୟ କରୁଛୁ, ଆଗଭର ହେଉଛୁ ଏବଂ ଯଥାସାଧ୍ୟ ପରିଶ୍ରମ କରିବା ନିମିତ୍ତ କାତର ହୋଇ ନାହୁଁ । ଏ ବିରାଟ ଦେଶରେ ଚାରିଟା ନିର୍ବାଚନ ସ୍ୱଚ୍ଛନ୍ଦରେ ହୋଇଯାଇଛି । ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଓ ବାତାବରଣ ସୃଷ୍ଟି ହୋଇପାରିଛି ବୋଲି ଆମ୍ଭର ବିଶ୍ୱାସ ହୋଇଛି । ଏସିୟା ମହାଦେଶରେ ଭାରତର ଉତ୍‌ଥାନ,— ଏକ ନିରପେକ୍ଷ, ନିଷ୍ପାପର ଓ ସମାଜବାଦୀ ରାଷ୍ଟ୍ରରୂପେ — ବହୁ ଦେଶର ଦୃଷ୍ଟି ଆକର୍ଷଣ କରିପାରିଛି । ଆମ୍ଭର ବୈଦେଶିକ ନୀତି 'ପଞ୍ଚଶୀଳ' 'ସହାବସ୍ଥାନ' ଆଦି ଦେଶବିଦେଶରେ ବହୁ ପ୍ରଶଂସିତ ହୋଇଛି । ଏହିସବୁ ଦ୍ୱାରା ଆମ୍ଭର ରାଷ୍ଟ୍ରୀୟ ସାମର୍ଥ୍ୟ, ସମ୍ବଳ, ଶକ୍ତି, ବୁଦ୍ଧିର ଯଥାର୍ଥ ବିନିଯୋଗ ହୋଇପାରିଛି ବୋଲି ଆମ୍ଭ ମଧ୍ୟରେ ଆତ୍ମ-ବିଶ୍ୱାସ ମଧ୍ୟ ଆସିଛି । ତେବେ ପ୍ରଶ୍ନ ହେବ, ଭାରତ ଜାତି ହିସାବରେ ତା'ର ଲକ୍ଷ୍ୟ ସାଧନ କରିପାରିଛି ତ' ? ଏ ଦେଶର ଉତ୍ଥାନ ପଛରେ ଯେଉଁ ମହାନ୍ ଉଦ୍ଦେଶ୍ୟ ନିହିତ ଅଛି ତାହା ସିଦ୍ଧ ହୋଇଛି ତ' ? ଦେଶ ଯଥାର୍ଥରେ ଅଗ୍ରଗତି ପଥରେ ଚାଲୁଛି ତ' ? ଯେଉଁ ସକଳ ଯୋଜନାବଦ୍ଧ କାର୍ଯ୍ୟକ୍ରମ, ଶିଳ୍ପକେନ୍ଦ୍ର ପ୍ରତିଷ୍ଠା ଓ ଉନ୍ନୟନ ବ୍ୟବସ୍ଥା ଆମ୍ଭେମାନେ ଗ୍ରହଣ କରିଛୁ ତାହା ତାହାର ଲକ୍ଷ୍ୟହାସଲ କରିପାରିଛି ତ' ? ଦେଶର ସମ୍ବଳ ଓ ପୁଞ୍ଜି ବୃଦ୍ଧି ସଙ୍ଗେ ସଙ୍ଗେ ଶିକ୍ଷା, ସଂସ୍କୃତି ଓ ମାନବିକତାର ଅଭିବୃଦ୍ଧି ଘଟୁଛି ତ' ? ସ୍ୱାଧୀନ ଭାରତରେ ଯେଉଁ ଉଦ୍ଦୀପନା, ଉତ୍ସାହ, ଜାତୀୟ ଐକ୍ୟ ଓ ସଂହତି ଦେଖା ଦେବାର କଥା ତାହା ଦେଖା ଦେଇଛି ତ ' ? ଏହିପରି ସ୍ୱାଭାବିକରୂପେ ଆମ୍ଭମାନଙ୍କ ମନରେ ବହୁବିଧ ପ୍ରଶ୍ନ ଉଠିବ ।

ଏକଥା ଆଜି ଅତି ସ୍ପଷ୍ଟ ଯେ ସର୍ବବିଧ ସମସ୍ୟା ମଧ୍ୟରେ ଦେଶ ଦୁଇଟି ଗୁରୁତର ବିପଦର ସମ୍ମୁଖୀନ ହୋଇଛି – ପ୍ରଥମ : ଆନ୍ତରୀଣ ବିପଦ ଓ ଦ୍ୱିତୀୟ : ବାହ୍ୟ ବିପଦ । ଆନ୍ତରୀଣ ବିପଦ ହେଲା ଜାତୀୟ ସଂହତି, ଜାତୀୟ ଏକତା, ଅଖଣ୍ଡତା ଓ ସଂଘବଦ୍ଧତାର ଅଭାବ । ବାହ୍ୟ ବିପଦ ହେଲା ବିଦେଶୀ ଆକ୍ରମଣ । ଭାରତର ଉତ୍ତରାଞ୍ଚଳ ବିଶେଷ ରୂପେ ଆଜି ବିପନ୍ନ । ଆମ୍ଭମାନଙ୍କ ମନରେ ଆଜି ସ୍ୱତଃ ପ୍ରଶ୍ନ ଉଠୁଛି, ବିଶେଷତଃ, ଅନ୍ତର୍ଦ୍ୱନ୍ଦ୍ୱ କ୍ଷେତ୍ରରେ – ଦେଶର ସଂହତି ଓ ଅଖଣ୍ଡତା ରକ୍ଷା ହେବ କିପରି ? ଏଥିପାଇଁ ଭାରତ ସରକାର ଜାତୀୟ ସଂହତି କମିଟି (National Integration Council) ଗଠନ କରି ଦେଶର ସବୁଶ୍ରେଣୀର ମନୀଷୀ ଓ ଚିନ୍ତାଶୀଳ ବ୍ୟକ୍ତିଙ୍କର ଉପଦେଶ ଗ୍ରହଣ କରିବାକୁ ପ୍ରବଳ ଇଚ୍ଛା ପ୍ରକାଶ କରିଛନ୍ତି । ସରକାରୀ ଭାବରେ ସବୁ ସ୍ତରରେ ଯେପରି ଜାତୀୟ ଏକତା ରକ୍ଷା ହୋଇପାରେ ସେଥିପାଇଁ ସରକାରୀ ଇସ୍ତାହାର ଓ ଆଇନ୍ ମଧ୍ୟ ପ୍ରକାଶ ପାଇଛି । ଏ ବିଷୟରେ ଆମ୍ଭେମାନେ କେତେକ ମୂଳଗତ ପ୍ରଶ୍ନ ଉତ୍‌ଥାପନ କରିବା : ଜାତୀୟ ସଂହତିର ଅର୍ଥ କ'ଣ ? ଜାତୀୟ ସଂହତି ରକ୍ଷା ନିମିତ୍ତ ପ୍ରଧାନ ବିପତ୍ତି କ'ଣ ? ଜାତୀୟ ସଂହତି ରକ୍ଷାର ଯଥାର୍ଥ ଉପାୟ କ'ଣ ? ଏହି ଉପାୟ ଶିକ୍ଷା, ସଂସ୍କୃତି, ସାହିତ୍ୟ ଓ କଳା କ୍ଷେତ୍ରରେ ରକ୍ଷା କରାଯାଇ ପାରିବ କି ? ଏ ପ୍ରତ୍ୟେକଟି ପ୍ରଶ୍ନ ଗୁରୁତର ଏବଂ ଏଗୁଡ଼ିକର ଯଥାର୍ଥ ସମାଧାନ ନିର୍ଭର କରିବ ଅନ୍ୟ କେତେକ ନିର୍ଦ୍ଦିଷ୍ଟ ତଥ୍ୟ ବା ତତ୍ତ୍ୱ ଉପରେ ।

ଭାରତରେ ବର୍ତ୍ତମାନ ଗୋଟାଏ ପ୍ରବଳ ଅନ୍ତର୍ଦ୍ୱନ୍ଦ୍ୱ ଦେଖା ଦେଇଛି । ଭାରତ କେଉଁ ପଥ ଗ୍ରହଣ କରିବ ? ପାଶ୍ଚାତ୍ୟର ଭୌତିକବାଦ ଉପରେ ପ୍ରତିଷ୍ଠିତ ସମାଜବାଦ ଢାଞ୍ଚାରେ ଗଠିତ ଶିଳ୍ପ-ସଭ୍ୟତାମୂଳକ ସମବାୟ ସମାଜ, ନା ସ୍ୱକୀୟ ପ୍ରତିଭା ଓ ପରମ୍ପରା ଉପରେ ପ୍ରତିଷ୍ଠିତ ସମାଜ ? ଶିଳ୍ପତନ୍ତ୍ର, ଯନ୍ତ୍ରବାଦ, ବିଜ୍ଞାନବାଦ ଓ ସମାଜବାଦ ସଙ୍ଗେ ଭାରତୀୟ ପ୍ରାଚୀନ ଆଧ୍ୟାତ୍ମିକ ପରମ୍ପରା, ଧର୍ମ ଓ ସଂସ୍କୃତି କିପରି ମେଳ ଖାଇବ ? ଭାରତ କେଉଁ ଆଦର୍ଶ, କେଉଁ ପଥ, କେଉଁ ମାର୍ଗ ଧରିବ ? ଏହା ସଙ୍ଗେ ଜଡ଼ିତ ଅଛି ଅନ୍ୟ ଏକ ଗୁରୁତର ବ୍ୟାପକ ପ୍ରଶ୍ନ – ଜୀବନର ଲକ୍ଷ୍ୟ କ'ଣ ? ଜୀବନରେ ସମୃଦ୍ଧି, ଉନ୍ନତି, ପ୍ରଗତିର ଅର୍ଥ କ'ଣ ? ଗୋଷ୍ଠୀ, ସମଷ୍ଟି ଓ ସମବାୟର ମୂଳ ସ୍ୱରୂପ କ'ଣ ? ଭାରତୀୟ ଜାତି ହିସାବରେ ଭାରତର କୌଣସି ବିଶେଷ ଅର୍ଥ ଅଛି କି ? କୌଣସି ବିଶେଷ ଉଦ୍ଦେଶ୍ୟ ରହିଛି କି ? ଏହି ଜାତୀୟ ଲକ୍ଷ୍ୟ ଯେପର୍ଯ୍ୟନ୍ତ ଆମ୍ଭେମାନେ ସ୍ଥିର କରି ନାହୁଁ, ସେପର୍ଯ୍ୟନ୍ତ ଆମ୍ଭର କୌଣସି ସମସ୍ୟାର ସମାଧାନ ହୋଇପାରିବ କି ? ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସମାଜବାଦ, ଭାରତୀୟ ସମାଜ ଓ ଜାତିକୁ ଉଦ୍‌ବୁଦ୍ଧ କରିପାରିଛି ତ' ?



ଆଧୁନିକ ଭାରତର ଜାତୀୟ ଅଭ୍ୟୁତ୍‌ଥାନ କ୍ଷେତ୍ରରେ ଆମ୍ଭେମାନେ ସାଧାରଣତଃ ତିନୋଟି ସ୍ତର ଦେଖୁ । ପ୍ରଥମଟି ଆଧ୍ୟାତ୍ମିକ, ଦ୍ୱିତୀୟଟି ନୈତିକ ଓ ମାନସିକ, ତୃତୀୟଟି ଆର୍ଥନୀତିକ । ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତର ଜାତୀୟ ଜାଗରଣ ଓ ଅଭ୍ୟୁତ୍‌ଥାନ ସମ୍ଭବ ହେଲା । ଏହି ନବଜାଗରଣ ପ୍ରଥମତଃ ତଥା ମୂଳତଃ ଥିଲା ଆଧ୍ୟାତ୍ମିକ, ଧର୍ମମୂଳକ ଓ ଐଶ୍ୱରିକ । ଏହି ଜାଗରଣର ସୂତ୍ରଧର ହେଲେ ଶ୍ରୀରାମକୃଷ୍ଣ ପରମହଂସ ଓ ତଦୀୟ ଶିଷ୍ୟ ସ୍ୱାମୀ ବିବେକାନନ୍ଦ । ପରମହଂସଦେବ ଭାରତର ଲୁପ୍ତ ଅନ୍ତରାତ୍ମିକ ଐଶ୍ୱର୍ଯ୍ୟ – ତପୋବଳ ଓ ଅଧ୍ୟାତ୍ମ ସାମର୍ଥ୍ୟକୁ ଯେପରି ଭାବରେ ଜୀବନ୍ତ ଓ ବାସ୍ତବ କରି ତୋଳି ଧରିଲେ ସେଥିରେ ସମଗ୍ର ଜାତି ପୁନର୍ବାର ସଂଜୀବିତ ହୋଇଉଠିଲା । ନବୀନ ଭାରତର ଏହି ଆଧ୍ୟାତ୍ମିକ ଉତ୍‌ଥାନକୁ ବିବେକାନନ୍ଦ ଦେଶବିଦେଶରେ ଉଦାତ୍ତ କଣ୍ଠରେ ଘୋଷଣା କରିବାକୁ ଲାଗିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ଭାରତର ଉତ୍‌ଥାନର ବୈଶିଷ୍ଟ୍ୟ, ବିଶେଷତ୍ୱ ଓ ମହତ୍ତ୍ୱ ପ୍ରତିପାଦନ କଲେ । ସ୍ୱାମିଜି ସ୍ପଷ୍ଟ ରୂପେ ସେତେବେଳେ ଘୋଷଣା କରିଥିଲେ :

''ଆମର ପ୍ରକୃତି ଅନୁରୂପ ଆମେ ଗଢ଼ିଉଠୁ । ଆମ ଦେଶରେ ବିଦେଶୀ ସମାଜ ଦ୍ୱାରା ପ୍ରବର୍ତ୍ତିତ କର୍ମ-ପନ୍ଥା ଅନୁସରଣ କରିବା ନିଷ୍ଫଳ, ବସ୍ତୁତଃ ତାହା ଅସମ୍ଭବ । ଅନ୍ୟ କୌଣସି ଜାତିର ଛାଞ୍ଚରେ ପକାଇ ଆମକୁ ପୁନର୍ଗଠିତ କରିବା

ପନ୍ଥା ଭଗବାନଙ୍କ କୃପାରୁ ସଂପୂର୍ଣ୍ଣ ଅସମ୍ଭବ । ଅନ୍ୟାନ୍ୟ ମାନବଗୋଷ୍ଠୀର ପ୍ରଥାସମୂହ ନିର୍ଦ୍ଦୋଷ ନୁହେଁ । ସେସବୁ ସେମାନଙ୍କ ପକ୍ଷରେ ଆଦରଣୀୟ, କିନ୍ତୁ ଅସ୍ମମାନଙ୍କ ନିକଟରେ ତାହା କାର୍ଯ୍ୟକାରୀ ହେବ ନାହିଁ । ସେମାନଙ୍କ ଜୀବନଯାପନ ପ୍ରଣାଳୀ ଭିନ୍ନ, ବିଜ୍ଞାନ ଭିନ୍ନ ଓ ସଂସ୍ଥା ବି ଭିନ୍ନ ଐତିହ୍ୟ ଉପରେ ଗଢ଼ି ଉଠିଛି । ସେହିପରି ହଜାର ହଜାର ବର୍ଷର ଐତିହ୍ୟ ଓ ସଂସ୍କାର ପ୍ରସୂତ ଆମ ଜୀବନ-ଧାରା ସ୍ୱତନ୍ତ୍ର ଗତିରେ ପ୍ରବାହିତ ହେବା ସ୍ୱାଭାବିକ । ଏହି ମୂଳ ଲକ୍ଷ୍ୟ ପ୍ରତି ସଚେତ ରହି ଆମକୁ ଅଗ୍ରସର ହେବାକୁ ହେବ ।''

ବିବେକାନନ୍ଦ ଦୃଢ଼ ଭାବରେ ପାଶ୍ଚାତ୍ୟାନୁରାଗୀ ହେବାକୁ ବାରଣ କରିଛନ୍ତି – ତଦ୍ଦ୍ୱାରା ହେବ ଭାରତର ଅସ୍ତିତ୍ୱଲୋପ, ବିନାଶ ଓ ଧ୍ୱଂସ ।

''ଆମେ ପାଶ୍ଚାତ୍ୟାନୁରାଗୀ ହୋଇ ପାରିବୁ ନାହିଁ । କାର୍ଯ୍ୟତଃ ପାଶ୍ଚାତ୍ୟ ଜାତିର ଅନୁକରଣ କରିବା ଆମ ପକ୍ଷରେ ନିର୍ବୋଧତା । ତୁମେ ଯଦି ଏପରି ଅନୁକରଣରେ ଯଥାର୍ଥରେ ସକ୍ଷମ ହୁଅ, ତା'ହେଲେ ସେହି ମୁହୂର୍ତ୍ତରେ ତୁମ ବ୍ୟକ୍ତିତ୍ୱର ଲୋପ ଅବଶ୍ୟମ୍ଭାବୀ ।''

''... ପାଶ୍ଚାତ୍ୟ ଆଦର୍ଶ ହେଲା ଅର୍ଥ, ସ୍ୱାର୍ଥ, ପାନାହାର ଓ ଭୋଗ-ବିଳାସ । ଏହି ରୀତିନୀତି ଯଦି କେହି ଭାରତରେ ପ୍ରଚାର କରେ ଆଉ ଜଡ଼-ଜଗତକୁ ଦେବତା ଆସନରେ ବସାଇବାକୁ ଚାହେଁ, ତାହା ହେଲେ ସେ ବ୍ୟକ୍ତି ମିଥ୍ୟାଶ୍ରୟୀ । ପାଶ୍ଚାତ୍ୟ ସଭ୍ୟତାର ଯାବତୀୟ ଚାକଚକ୍ୟ, ଆଡ଼ମ୍ବର ଓ ବିସ୍ମୟକର କ୍ଷମତା ପ୍ରକାଶ ସତ୍ତ୍ୱେ ମୁଁ ସେମାନଙ୍କୁ ସ୍ପଷ୍ଟ ଭାବେ କହୁଛି ଯେ ଏସବୁ ନିରର୍ଥକ – ଏକାନ୍ତ ଅସାର । ଏକମାତ୍ର ଈଶ୍ୱରହିଁ ସାର – ଏକମାତ୍ର ଆତ୍ମାହିଁ ଶାଶ୍ୱତ । ତେଣୁ କେବଳ ଆଧ୍ୟାତ୍ମିକତାହିଁ ସାର୍ଥକତା ।''

ଅବଶ୍ୟ ଏହି ଉକ୍ତିରେ ସ୍ୱାମିଜି ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକତାର ଦିଗ୍‌ଦର୍ଶନ ଦେଇ ନାହାନ୍ତି ତଥାପି ଭାରତର ବୈଶିଷ୍ଟ୍ୟ ଯେ ଆଧ୍ୟାତ୍ମିକତା ଏହା ସ୍ପଷ୍ଟ କରିଛନ୍ତି । ଗୁରୁଗମ୍ଭୀର କଣ୍ଠରେ ସ୍ୱାମିଜି ବିପଦର ସୂଚନା ଦେଇଛନ୍ତି : ''ଆଧ୍ୟାତ୍ମିକତାକୁ ବିସର୍ଜନ ଦେଇ ଜଡ଼ାଶ୍ରୟୀ ପାଶ୍ଚାତ୍ୟ ସଭ୍ୟତା ପ୍ରତି ଆସକ୍ତ



ହେଲେ ତିନି ପୁରୁଷରେ ଏହି ଜାତିର ବିନାଶ ଅନିବାର୍ଯ୍ୟ । ଜାତିର ମେରୁଦଣ୍ଡ ଭାଙ୍ଗିପଡ଼ିବ, ଜାତୀୟ ସୌଧ ଭୁଶୁଡ଼ି ପଡ଼ିବ, ପରିଣାମରେ ସାମଗ୍ରିକ ଧ୍ୱଂସ ଅନିବାର୍ଯ୍ୟ ।... ଭାରତବର୍ଷ ଜଗତକୁ ଦେଇଛି ପରମାର୍ଥର ସନ୍ଧାନ, ଆଉ ଶିଖାଇଛି ଅଜ୍ଞାନ ଅନ୍ଧକାର ଭେଦ କରି ମାନବାତ୍ମାର ଗୂଢ଼ ରହସ୍ୟ ଉଦ୍‌ଘାଟନ କରିବାର ଉପାୟ ।''

ସୁତରାଂ ଭାରତକୁ ଏହି ମହାନ୍ ସତ୍ୟ ସମ୍ବନ୍ଧରେ ସଚେତନ ହେବାକୁ ହେବ ଏବଂ ଏହାହିଁ ତା'ର ଜୀବନ-ଦର୍ଶନ, ଏବଂ ଏହା ତା'ର ରାଷ୍ଟ୍ରୀୟ ଲକ୍ଷ୍ୟରେ ପର୍ଯ୍ୟବସିତ ହେବା ଆବଶ୍ୟକ । ବିବେକାନନ୍ଦଙ୍କର ସ୍ୱଚ୍ଛ ଓ ବିଶୁଦ୍ଧ ଅଧ୍ୟାତ୍ମବାଦ ଭାରତର ସନାତନ ପରମ୍ପରାର ଏକ ସୁସ୍ପଷ୍ଟ ଘୋଷଣା । ବିବେକାନନ୍ଦ ତତ୍କାଳୀନ ଭାରତୀୟ ରାଷ୍ଟ୍ରୀୟ ବ୍ୟାପାରରେ ନିଜକୁ ସଂପୃକ୍ତ କରି ନ ଥିଲେ ବା ରାଜନୀତିରେ ଏହି ଅଧ୍ୟାତ୍ମବାଦକୁ କିପରି ରୂପ ଦେବାକୁ ହେବ ତା'ର ସ୍ପଷ୍ଟ ପରିକଳ୍ପନା ଦେଇ ନ ଥିଲେ । କିନ୍ତୁ ଠିକ୍ ତା' ପରେ ପରେ ଅଧ୍ୟାତ୍ମ ଭାବଧାରା ରାଷ୍ଟ୍ରୀୟ ବିଚାରଧାରାରେ ଅତି ସ୍ପଷ୍ଟ ରୂପେ ଆତ୍ମ-ପ୍ରକାଶ କରିଛି । ଲୋକମାନ୍ୟ ତିଳକ, ଶ୍ରୀଅରବିନ୍ଦ, ବିପିନ ପାଲ, ଲାଲା ଲଜପତ୍ ରାୟ ପ୍ରଭୃତି ସ୍ୱନାମଧନ୍ୟ ଜାତୀୟ ବୀରମାନେ ଆଧ୍ୟାତ୍ମିକତାକୁ ଜାତୀୟତାର ମୂଳଭିତ୍ତି ବୋଲି ଗ୍ରହଣ କରିଥିଲେ । ତତ୍‌କାଳୀନ ଜାତୀୟ ଅଭ୍ୟୁତ୍‌ଥାନ ଓ ବିପ୍ଳବ – ସବୁକିଛି ଏକ ମହାଶକ୍ତିର ଆବାହନ, ପୂଜା ବା ''ବନ୍ଦେ ମାତରମ୍'' ଦ୍ୱାରା ସମ୍ପାଦିତ ହୋଇଥିଲା । ସ୍ୱୀୟ ସାଧନା ଓ ସିଦ୍ଧି ବଳରେ ଏହି ଜାତୀୟ ନେତାମାନେ ଭାରତର ଜାତୀୟ ଉତ୍‌ଥାନର ଅଭିନବ ରହସ୍ୟକୁ ବୁଝିପାରିଥିଲେ । ଶ୍ରୀଅରବିନ୍ଦ ବାରବାର ଘୋଷଣା କରିଥିଲେ ଯେ ଜାତୀୟତାହିଁ ଭଗବାନଙ୍କ ଦାନ । ଏହି ଜାତୀୟତାର କର୍ଣ୍ଣଧାର ସ୍ୱୟଂ ନାରାୟଣ, ସ୍ୱୟଂ ବାସୁଦେବ । ଏହା ପ୍ରତିହତ ହୋଇ ନ ପାରେ । ଶ୍ରୀଅରବିନ୍ଦ ଆମ୍ଭ ସମ୍ମୁଖରେ 'ଜାତି' ବା ନେଶନ୍‌ର ଯେଉଁ 'ସ୍ୱରୂପ' ରଖିଛନ୍ତି, ତାହା ଏକ ମହାନ୍ ଦିବ୍ୟ ଉପଲବ୍ଧି ଏବଂ ତାହାହିଁ ଭାରତର ସ୍ୱରୂପ । ଜାତି ବା ଦେଶର ବିବର୍ତ୍ତନର ଧାରା ବହୁ ପଥ, ବହୁ ମାର୍ଗ ଅନୁସରଣ

କରିପାରେ, ଜାତୀୟ ଇତିହାସ ବହୁ ଘଟଣା, ବହୁ ବାହ୍ୟ ପରିସ୍ଥିତିର ସମାବେଶ ହୋଇପାରେ; କିନ୍ତୁ ପ୍ରତ୍ୟେକ ଦେଶର ଗୋଟାଏ ନିୟନ୍ତ୍ରଣକାରୀ ସ୍ୱକୀୟ ଧାରା ବା ଭାବ (Idea) ବା ତତ୍ତ୍ୱ ରହିଛି । ଏହାକୁହିଁ ସୁପଣ୍ଡିତ ମନୀଷୀ ମାକ୍ସ୍‌ମୁଲାର ଜାତୀୟତାର ନିୟନ୍ତ୍ରଣକାରୀ ତତ୍ତ୍ୱ ବୋଲି କହିଛନ୍ତି – The Regulative Principle of Nationalism । ସେହିପରି ଭାରତୀୟ ଜାତୀୟତାର ନିୟନ୍ତ୍ରଣକାରିଣୀ ଶକ୍ତି ସମ୍ବନ୍ଧରେ ଶ୍ରୀଅରବିନ୍ଦ ସ୍ପଷ୍ଟଭାଷାରେ କହିଛନ୍ତି :

''ଦେଶ ବା ନେଶନ୍ କ'ଣ ? ଆମ୍ଭମାନଙ୍କର ମାତୃଭୂମି କ'ଣ ? ତାହା କେବଳ ଖଣ୍ଡେ ଭୂମି ନୁହେଁ, ଭାଷାର ଏକ ଅଳଙ୍କାର ନୁହେଁ, ମନର କଳ୍ପନା ନୁହେଁ; ତାହା ଏକ ମହାଶକ୍ତି, ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ଯେତେ ବ୍ୟଷ୍ଟି ନେଇ ଦେଶ ଗଠିତ, ସେମାନଙ୍କ ସମସ୍ତଙ୍କର ମିଳିତ ଶକ୍ତି, ଯେପରି ମହିଷ-ମର୍ଦ୍ଦିନୀ ଭବାନୀ ଆବିର୍ଭୂତା ହୋଇଥିଲେ ଏକତାବଦ୍ଧ ଅଗଣିତ ଦେବତାମାନଙ୍କର ବିଶାଳ ଶକ୍ତି ଓ ସଂହତିରୁ । ଯେଉଁ ଶକ୍ତିକୁ ଆମ୍ଭେମାନେ କହୁ ଭାରତ, ଭବାନୀ, ଭାରତୀ, ତାହା ପଚାଶ-କୋଟି ଲୋକଙ୍କର ଏକତ୍ରାବଦ୍ଧ ଜୀବନ୍ତ-ଶକ୍ତି ।''

'ଭାରତର' ଏହି ଶାଶ୍ୱତ, ମହାନ୍ ଜ୍ୟୋତିର୍ମୟ 'ସ୍ୱରୂପ' ପ୍ରତି ଦୃଷ୍ଟି ଦେବାକୁ ହେବ । ଭାରତୀୟ ଅସ୍ତିତ୍ୱର ଏହି ମହାନ୍ ତତ୍ତ୍ୱଗୁଡ଼ିକ ନ ବୁଝି କେବଳ ଦେଶକୁ ଗୋଟାଏ ଭୌଗୋଳିକ ଓ ପାର୍ଥିବ ବସ୍ତୁ ବୋଲି ଧରିନେଲେ ଯଥେଷ୍ଟ ହେବ ନାହିଁ । ଆଧ୍ୟାତ୍ମିକତା ଭାରତୀୟ ଜାତୀୟତାର ମୂଳ ସୂତ୍ର ।

ଭାରତର 'ସ୍ୱଧର୍ମ' ଅଛି – ସ୍ୱକୀୟ ପ୍ରତିଭା ଅଛି, ସ୍ୱକୀୟ ମହିମା ଅଛି – ଏହାକୁ ଛାଡ଼ି ଦେଶ ବଞ୍ଚି ନ ପାରେ । ତା'ର 'ସ୍ୱଧର୍ମ'ର ବିକାଶ ଓ ପ୍ରକାଶ ଦ୍ୱାରାହିଁ ସେ ଜଗତର କଲ୍ୟାଣ ସାଧନ କରିବ । ଶ୍ରୀଅରବିନ୍ଦ ସ୍ପଷ୍ଟଭାଷାରେ ଏକଥା ଘୋଷଣା କରିଛନ୍ତି –

''ଭାରତବର୍ଷ ଅନ୍ୟାନ୍ୟ ଦେଶତୁଲ୍ୟ ନିଜ ସକାଶେ ଜାଗ୍ରତ ହୋଇ ନାହିଁ ବା ବଳଶାଳୀ ହୋଇ ନାହିଁ । ଦୁର୍ବଳକୁ ଗୋଡ଼ରେ ଦଳି ଦେବାକୁ ଉଠି ନାହିଁ । ତାହା ପାଖରେ ନ୍ୟସ୍ତ ଥିବା ଶାଶ୍ୱତ ଜ୍ୟୋତିକୁ ଜଗତରେ ବିକିରଣ



କରିବ ବୋଲି ତାହାର ଉତ୍‌ଥାନ ହୋଇଅଛି । ଭାରତ ଚିରଦିନ ବଞ୍ଚି ରହିଅଛି ବିଶ୍ୱମାନବ ସକାଶେ, ନିଜ ସକାଶେ ନୁହେଁ, ଆଉ ଆଜି ତାକୁ ବଡ଼ ହେବାକୁ ହେବ ବିଶ୍ୱ ମାନବ-ସମାଜ ନିମିତ୍ତ, ନିଜ ନିମିତ୍ତ ନୁହେଁ ।''

ସୁତରାଂ ଜଗତର ହିତାର୍ଥେ, କଲ୍ୟାଣାର୍ଥେ ଭାରତର ଅଭ୍ୟୁତ୍‌ଥାନ ଏକ ଅତି ପ୍ରୟୋଜନୀୟ ବ୍ୟାପାର । ଧର୍ମ, ନ୍ୟାୟ, ଶାନ୍ତି, ଐକ୍ୟ, ସମନ୍ୱୟ– ଭାଗବତ ଓ ଆଧ୍ୟାତ୍ମିକ ବସ୍ତୁ । ଭାରତର ସନାତନ ଓ ଶାଶ୍ୱତ ଆତ୍ମା ଏହାକୁ ଅତି ଯତ୍ନରେ ଜାତୀୟ ସମ୍ପଦରୂପେ ରକ୍ଷା କରିଆସିଛି । ଆଜି ଯେତେବେଳେ ଯୁଦ୍ଧବିଗ୍ରହ, ଧ୍ୱଂସ, ହିଂସା ଓ ପ୍ରତିହିଂସାନଳରେ ସମଗ୍ର ଜଗତ ଉଦ୍‌ବେଳିତ ସେତେବେଳେ ଭ୍ରାତୃତ୍ୱ ଓ ପ୍ରେମର ବାଣୀ ଶୁଣାଇବ କିଏ ? କିଏ ଜଗତର ଅଧ୍ୟାତ୍ମ-ଗୁରୁ ? ଭାରତହିଁ ଏହି କାର୍ଯ୍ୟ ସମ୍ପାଦନ କରିବ । ୧୯୦୫ ସାଲରେ ଶ୍ରୀଅରବିନ୍ଦ ଘୋଷଣା କରିଥିଲେ –

''ଭାରତ ଧ୍ୱଂସ ହୋଇ ନ ପାରେ, ଆମ୍ଭମାନଙ୍କ ଜାତି ଲୁପ୍ତ ହୋଇ ନ ପାରେ । କାରଣ ମାନବସମାଜର ବିଭିନ୍ନ ଗୋଷ୍ଠୀ ମଧ୍ୟରେ କେବଳ ଭାରତ ଉପରେ ନ୍ୟସ୍ତ ରହିଛି ସମଗ୍ର ମାନବଜାତିର ହିତାର୍ଥେ ଏକ ଅପରିହାର୍ଯ୍ୟ ଉଜ୍ଜ୍ୱଳତମ, ମହତ୍ତମ ସିଦ୍ଧି । ନିଜ ମଧ୍ୟରୁ ତାହାକୁ ସମସ୍ତ ଜଗତର ଭାବୀ ଧର୍ମ ତୋଳି ଧରିବାକୁ ହେବ । ସେହି ସନାତନ ଧର୍ମ ଯାହା ସମସ୍ତ ଧର୍ମ, ବିଜ୍ଞାନ ଓ ଦର୍ଶନର ସମନ୍ୱୟ ସାଧନ କରେ ଏବଂ ସମଗ୍ର ମାନବଜାତିକୁ ଏକାତ୍ମ କରେ । ସେହିପରି ନୈତିକ କ୍ଷେତ୍ରରେ ତାହାର ଲକ୍ଷ୍ୟ ହେଲା ମନୁଷ୍ୟ ମଧ୍ୟରୁ ତାହାର ବର୍ବରତା ଦୂର କରିବା, ବିଶ୍ୱକୁ ଆର୍ଯ୍ୟ ଧର୍ମରେ ଦୀକ୍ଷିତ କରିବା ।''

ପୁନର୍ବାର ଶ୍ରୀଅରବିନ୍ଦ ଅନ୍ୟତ୍ର କହୁଛନ୍ତି : –

''ଆମ୍ଭେମାନେ ମାନବଜାତି ନିମିତ୍ତ ଯେଉଁ ବାର୍ତ୍ତା ବହନ କରି ଆଣିଛୁ ତାହା ଏକ ଆଧ୍ୟାତ୍ମିକ ଆଦର୍ଶ ଏବଂ ଏପରି ଏକ ପାର୍ଥିବ ଜୀବନ ଯାହା ସେହି ଆଧ୍ୟାତ୍ମିକତାର ଅଭିବ୍ୟକ୍ତି ଏବଂ କ୍ରମବର୍ଦ୍ଧମାନ ବାସ୍ତବ ରୂପ । ଆମ୍ଭମାନଙ୍କର ଲକ୍ଷ୍ୟ ହେଲା ଆଧ୍ୟାତ୍ମିକତା ମଧ୍ୟରେ ମାନବଜାତିର ନବଜନ୍ମ ।''

ସୁତରାଂ ଏଥିରୁ ସ୍ପଷ୍ଟ ରୂପେ ଜଣାଯିବ ଯେ ଭାରତର ସ୍ୱରୂପ, ସ୍ୱଧର୍ମ ଓ ସାଧନା କ'ଣ ଏବଂ କେଉଁଥିପାଇଁ ତାହାର ଉତ୍‌ଥାନ ହେଉଛି ।

*

ଭାରତୀୟ ଜାତୀୟ ଆନ୍ଦୋଳନର ଦ୍ୱିତୀୟ ପାବଚ୍ଛରେ ଦେଖାଦେଲେ ମହାତ୍ମା ଗାନ୍ଧି । ଗାନ୍ଧିଜିଙ୍କ ଭାବଧାରା ମୂଳତଃ ଥିଲା ଧର୍ମଭାବାପନ୍ନ — ସେ ଥିଲେ ସନ୍ଥ, ସାଧୁ, ମନୀଷୀ ଓ ସତ୍ୟନିଷ୍ଠ ଅହିଂସାପରାୟଣ ନୈତିକବାଦୀ । ତାଙ୍କ ବ୍ୟକ୍ତିତ୍ୱରେ ବହୁ ବ୍ୟକ୍ତିତ୍ୱ ଓ ଭାବର ସମନ୍ୱୟ ଘଟିଥିଲା — ରସ୍କିନ, ଟଲ୍‌ଷ୍ଟୟ, ଯିଶୁଖ୍ରୀଷ୍ଟ, ବୁଦ୍ଧ ଓ ରାମ । ଗାନ୍ଧିଜି ଭଗବଦ୍ ଗୀତାକୁହିଁ ଜାତୀୟ ପ୍ରେରଣାର ମୂଳଉତ୍ସ ବୋଲି ଜାଣିଥିଲେ । ଗାନ୍ଧିଜି ବାରଂବାର କହୁଥିଲେ ତାଙ୍କର ରାଜନୈତିକ-ଜୀବନ ହେଉଛି ତାଙ୍କ ଧର୍ମ-ଜୀବନର ଏକ ପ୍ରସାର ମାତ୍ର । ନୈତିକତା ଓ ମାନବବାଦ ଉପରେ ପ୍ରତିଷ୍ଠିତ ଗାନ୍ଧିବାଦ ଦେଶକୁ ସ୍ୱାଧୀନତା ପଥରେ ଆଗେଇ ନେଲା ଏବଂ ଏହାଙ୍କର ପ୍ରତ୍ୟକ୍ଷ ଚାଳନାରେ ଦେଶ ସ୍ୱାଧୀନତା ଲାଭ କଲା । ଗାନ୍ଧିଜିଙ୍କର ଯେଉଁ ସ୍ୱପ୍ନର ଭାରତ, ତାଙ୍କର 'ରାମ-ରାଜ୍ୟ', ଶାସନ-ନିରପେକ୍ଷ, ଅହିଂସ, ସୁଖୀ-ସମାଜ ତାହା ଏପର୍ଯ୍ୟନ୍ତ ଗଠିତ ହୋଇପାରି ନାହିଁ । ଯେଉଁ ଆଦର୍ଶ ଗାନ୍ଧିଜି ତାଙ୍କ ଦାୟାଦମାନଙ୍କୁ ଦେଇଗଲେ ତାହା ତାଙ୍କ ତିରୋଧାନ ସଙ୍ଗେ ସଙ୍ଗେ ଲୋପ ପାଇଲା । ଗାନ୍ଧିଜିଙ୍କ ବ୍ୟକ୍ତିତ୍ୱର ଦୁଇଟି ଦିଗ ଥିଲା — ଗୋଟିଏ ନୈତିକତା, ଧର୍ମ ଓ ମାନବବାଦ, ଅନ୍ୟଟି ରାଜନୀତି ଓ ଭାରତର ସ୍ୱାଧୀନତା ପ୍ରାପ୍ତି । ଗାନ୍ଧିଜି ସ୍ୱୀୟ ବ୍ୟକ୍ତିତ୍ୱରେ ପ୍ରଥମ ସ୍ଥାନ ଦେଇଥିଲେ ସତ୍ୟ, ଅହିଂସା, ନ୍ୟାୟ, ପ୍ରେମ ଓ ଭ୍ରାତୃତ୍ୱକୁ । ରାଜନୀତିକୁ ସେ ଜୀବନରେ ଏକ ଗୌଣ ସ୍ଥାନ ଦେଇଥିଲେ । କିନ୍ତୁ ଗାନ୍ଧିଜିଙ୍କର ଶିଷ୍ୟବର୍ଗ ତାଙ୍କ ବ୍ୟକ୍ତିତ୍ୱର ଗୌଣଦିଗଟିକୁ ଗ୍ରହଣ କଲେ । ରାଜନୀତି ଓ ରାଷ୍ଟ୍ରୀୟ ବ୍ୟାପାରରେ ଅଧିକ ଲିପ୍ତ ରହି ମୁଖ୍ୟଦିଗଟିକୁ ସଂପୂର୍ଣ୍ଣ ରୂପେ ଭୁଲିଗଲେ ।

ଗାନ୍ଧିଜିଙ୍କ ତିରୋଧାନ ସଙ୍ଗେ ସଙ୍ଗେ ଭାରତୀୟ ସମାଜ, ଦେଶ ଓ



ଜାତି ଅନ୍ୟ ଏକ ସ୍ତରରେ ଉପନୀତ ହେଲା । ଏହି ତୃତୀୟ ସ୍ତରର ଜାତୀୟ ଜାଗରଣ ଓ ପୁନର୍ଗଠନର ଭିତ୍ତି ପୂର୍ଣ୍ଣ ରୂପେ ପାଶ୍ଚାତ୍ୟ ଭାବ, ଚିନ୍ତା ଓ ପରମ୍ପରା ଉପରେ ପ୍ରତିଷ୍ଠିତ ହେଲା । ଏଠାରେହିଁ ଭାରତୀୟ ନେତୃବର୍ଗ 'ଆର୍ଥନୀତିକ ସମାଜବାଦ' ବା 'ଗଣତାନ୍ତ୍ରିକ ସମବାୟମୂଳକ ସମାଜବାଦ'କୁ ଦେଶର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବୋଲି ଗ୍ରହଣ କରି, ଦେଶରେ ଆର୍ଥନୀତିକ ଯୋଜନାମାନ କାର୍ଯ୍ୟକାରୀ କରି ଦେଶରୁ ଦାରିଦ୍ର୍ୟ ଓ ଅଭାବ ଦୂର କରିବାକୁ ବଦ୍ଧପରିକର ହେଲେ । ଦେଶର ବୃହତ୍ତମ ରାଷ୍ଟ୍ରୀୟ ଦଳ ଏହାକୁ ଦେଶର ଆଦର୍ଶ ବୋଲି ଗ୍ରହଣ କରିଛନ୍ତି, ଯଦିଓ ଅନ୍ୟାନ୍ୟ ଲକ୍ଷ୍ୟକୁ ଏହା ନାମମାତ୍ର ରକ୍ଷା କରିଛି । ବିଶ୍ୱ-ଶିକ୍ଷକ ସଙ୍ଘର ଦଶମ ଅଧିବେଶନରେ ପଣ୍ଡିତ ଜବାହାରଲାଲ ୧୯୬୧ ସାଲରେ କହିଛନ୍ତି :

''ଭାରତର ଲୋକସଂଖ୍ୟା ଓ ଦାରିଦ୍ର୍ୟ ଆମର ପ୍ରଧାନ ସମସ୍ୟା । କେବଳ ସବୁପ୍ରକାର ବୈଷୟିକ ଉନ୍ନତି ଘଟିଗଲେ ଯେ ପୃଥିବୀର ସବୁ ସମସ୍ୟା ତୁଟିଯିବ ତାହା କେବେହେଁ ନୁହେଁ । ଏପ୍ରକାର ବୈଷୟିକ ଉନ୍ନତି ଖୁବ୍ ବାଞ୍ଛନୀୟ ହେଲେ ସୁଦ୍ଧା, ନୈତିକ, ଆଧ୍ୟାତ୍ମିକ ବା ରୁଚିଗତ ଅନ୍ୟ କିଛି ଗୁଣର ଖୁବ୍ ଆବଶ୍ୟକତା ଅଛି । କିନ୍ତୁ ଦାରିଦ୍ର୍ୟକୁ ଭିତ୍ତିକରି ଏପ୍ରକାର ନୈତିକତା ବା ଆଧ୍ୟାତ୍ମିକ ଗୁଣ ବିକଶିତ କରାଯାଇ ନ ପାରେ । ସେହି କାରଣରୁ ଜୀବନର ପ୍ରଧାନ ଆବଶ୍ୟକତା ଲୋକଙ୍କୁ ଯୋଗାଇ ଦେବାକୁ ହେଲେ ବୈଷୟିକ ସମୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ହେବ । ସେହି କାରଣରୁ ଆମ୍ଭେ ପଞ୍ଚବାର୍ଷିକ ଯୋଜନାଦି ପ୍ରଣୟନ କରି ଆମ୍ଭ ଲୋକମାନଙ୍କର ଜୀବନ ଧାରଣର ମାନ ବଢ଼ାଇବାକୁ ଚେଷ୍ଟା କରୁଛୁ । ଜୀବନ ଧାରଣର ଅତ୍ୟାବଶ୍ୟକ ସାମଗ୍ରୀମାନଙ୍କୁ ଯୋଗାଇବା ଏହାର ଲକ୍ଷ୍ୟ ।''

ଏଥିରୁହିଁ ବର୍ତ୍ତମାନ ଭାରତର ଲକ୍ଷ୍ୟ, ସାଧନା ଓ ପ୍ରଗତି ସମ୍ବନ୍ଧରେ ସ୍ପଷ୍ଟ ଧାରଣା ହେବ । ଯେଉଁ ଦାରିଦ୍ର୍ୟ ଆତ୍ମଘାତୀ ଓ ଜାତି-ଧ୍ୱଂସକାରୀ ତା'ର ପକ୍ଷ କେହି ସମର୍ଥନ କରିବେ ନାହିଁ । ଆଧ୍ୟାତ୍ମିକ, ନୈତିକ ଗୁଣ କେବଳ ଏକ ଆର୍ଥନୀତିକ ସମ୍ପଦବଣ୍ଟନ ବା ପୁନର୍ଗଠନ ଉପରେ କ'ଣ ନିର୍ଭର କରିବ ?

୧୯୦୮ ସାଲରେ 'ବନ୍ଦେ ମାତରମ୍' କାଗଜରେ ତତ୍କାଳୀନ ନେତୃବର୍ଗ ସମସ୍ୟାଟିର କିପରି ଗଭୀର ଆଲୋଚନା କରିଥିଲେ ତାହା ପ୍ରତି ଆମେ ଦୃଷ୍ଟି ଆକର୍ଷଣ କରୁଛୁ :

"The strength of the new movement in India lies in its supreme idealism. ... ... Those who look upon it as a mere industrial movement lay naturally the greatest stress upon the organisation of capital, or co-operative labour or the opening of new industries and the revival, under modern conditions and to suit modern needs,– of the old and decadent industries of the people. They assure the success of the movement by the quantity of increased production or the number of new and successful enterprises. With them the question is how many mills, how many banks, how many stores, how many co-operatives, grain-*golas* have been opened, and how are these working ?... The economic aspect of the new Indian resurgence is undoubtedly a very important aspect. ... ... But while fully recognising the value of the new economic movements in the country as a means towards the realisation of our highest destiny as a nation, we refuse to assign to these the highest place in our programme. ... ... It would practically amount to an open abdication of our legitimate and God-appointed place in the life of the universal humanity. ... ... To set up the measure of the



actual industrial or commercial activities in the country as a whole, or in any of its provinces as a test of the strength and vitality of the national movement, seems to us to be essentially wrong. We refuse to accept the validity of this test. It seeks to measure what is essentially a spiritual movement by the mean standards of material computation."

(*Bande Mataram*, Weekly Ed., June 14, 1908)

ଏହାର ସାରମର୍ମ ଏହି :

''ଭାରତର ନବଜାଗରଣର ସାମର୍ଥ୍ୟହିଁ ତା'ର ସର୍ବୋଚ୍ଚ ଆଦର୍ଶବାଦ । ...ଯେଉଁମାନେ ଏହାକୁ କେବଳ ଶିଳ୍ପ-ବାଣିଜ୍ୟଗତ ଆନ୍ଦୋଳନ ବୋଲି ମନେ କରନ୍ତି ସେମାନେ କଳକାରଖାନା ପ୍ରତିଷ୍ଠା, ସମବାୟ ଶ୍ରମପ୍ରତିଷ୍ଠାନ ଓ ଉତ୍ପାଦନ ଅଭିବୃଦ୍ଧି ଇତ୍ୟାଦି ଉପରେ ବେଶୀ ଜୋର ଦିଅନ୍ତି । ସେମାନଙ୍କର ପ୍ରଶ୍ନ ହେଲା, କେତେ ମିଲ୍, କେତେ ବ୍ୟାଙ୍କ୍, କେତେ କୋ-ଅପରେଟିଭ୍ ଷ୍ଟୋର୍, କେତେ ଗ୍ରେନ୍-ଗୋଲା ଦେଶରେ ଖୋଲିଲା ?... ଏହା ସତ୍ୟ ଯେ ଭାରତର ନବଜାଗରଣରେ ଆର୍ଥନୀତିକ ଦିଗଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏସବୁ ସତ୍ତ୍ୱେ ଆମ୍ଭେମାନେ ଏହାକୁ ଆମ୍ଭ ଯୋଜନାରେ ଶ୍ରେଷ୍ଠ ସ୍ଥାନ ଦେଇ ପାରିବୁ ନାହିଁ । ଏହାର ଅର୍ଥ ହେଲା ମାନବଜାତି ମଧ୍ୟରେ ଭଗବାନ୍ ଆମ୍ଭଙ୍କୁ ଯେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦେଇଛନ୍ତି ତାକୁ ପ୍ରତ୍ୟାଖ୍ୟାନ କରିବା ।... ଦେଶର ଜାତୀୟ ଜାଗରଣର ସାମର୍ଥ୍ୟକୁ ଶିଳ୍ପ-ସ୍ଥାପନ ଓ କଳକାରଖାନା ବୃଦ୍ଧି ଦ୍ୱାରା ମାପିବା ଗୋଟାଏ ଭୟଙ୍କର ଭ୍ରାନ୍ତି । ଆମେ ଜାତୀୟ ସାମର୍ଥ୍ୟର ଏହି ମାପକାଠିକୁ ଗ୍ରହଣ କରିପାରିବୁ ନାହିଁ । ଏହା ଗୋଟାଏ ଆଧ୍ୟାତ୍ମିକ ଆନ୍ଦୋଳନକୁ ଏକ ସଂକୀର୍ଣ୍ଣ ଭୌତିକ ମାପ-କାଠି ଦ୍ୱାରା ମାପିବା ପରି ହେବ ।''

ଆମ୍ଭମାନଙ୍କ ଜାତୀୟ ଅଭ୍ୟୁତ୍‌ଥାନରେ ଆମ୍ଭେମାନେ ରାଷ୍ଟ୍ରନୈତିକ ଲକ୍ଷ୍ୟ ସାଧନ ନିମିତ୍ତ ପର୍ଯ୍ୟାପ୍ତ ଦୃଷ୍ଟି ଦେବୁ । ଏହା ନୁହେଁ ଯେ ଆମ୍ଭେମାନେ ଦେଶ, ଜନ୍ମଭୂମି, ଜୀବନ, ସଂସାର ଓ କର୍ମକୁ ମାୟା କହି ପଳାୟନ କରିବୁ । 'ସନ୍ନ୍ୟାସବାଦ' ଓ 'ମାୟାବାଦ' ଆଉ ଏ ଦେଶର ଆଧ୍ୟାତ୍ମିକ ଭିତ୍ତି ହୋଇ ନ ପାରେ । ଆଧ୍ୟାତ୍ମିକତାର ମଧ୍ୟ ଏକ ନୂତନ ସଂସ୍କରଣ ଆବଶ୍ୟକ ହୋଇଛି ଏବଂ ଏହା ପୂର୍ଣ୍ଣରୂପେ ଜୀବନ ଓ କର୍ମ ଉଭୟକୁ ଗ୍ରହଣ କରିଛି । ପାଶ୍ଚାତ୍ୟର କେବଳ ବସ୍ତୁତନ୍ତ୍ରବାଦ, ଭୌତିକବାଦ, ବିଜ୍ଞାନବାଦ ଓ ଉଦ୍ଦାମ କର୍ମତତ୍ପରତାଦି ଆମର କାମ୍ୟ ନୁହେଁ । ପ୍ରାଚ୍ୟର ଅତୀନ୍ଦ୍ରିୟ ଦେବଲୋକ, ସଂସାର-ବିମୁଖ ମୋକ୍ଷ ବା ମୁକ୍ତି ମଧ୍ୟ ଆମର କାମ୍ୟ ନୁହେଁ । ଶ୍ରୀଅରବିନ୍ଦ ଘୋଷଣା କରିଛନ୍ତି : ''ଆମ୍ଭମାନଙ୍କର ଆଦର୍ଶ ସେହି ଆଧ୍ୟାତ୍ମିକତା ନୁହେଁ, ଯାହା ପାର୍ଥିବ ଜୀବନରୁ ମୁଖ ଫେରାଇ ନିଏ । ବରଂ ଆମ୍ଭମାନଙ୍କର ଆଦର୍ଶ ହେଉଛି ଅଧ୍ୟାତ୍ମ-ଶକ୍ତି ଦ୍ୱାରା ଜୀବନରେ ବିଜୟ ପ୍ରାପ୍ତ ହେବା । ଏହା କେବଳ ଏହି ଜଗତକୁ ଭାଗବତ ଅଭିବ୍ୟକ୍ତିର ଏକ ଉଦ୍ୟମ ବୋଲି ଗ୍ରହଣ କରେ ନାହିଁ, ବରଂ ଭାଗବତ ଅଭିବ୍ୟକ୍ତିର ଏକ ବୃହତ୍ତମ ଓ ମହତ୍ତର ଉଦ୍ୟମ ଦ୍ୱାରା ମାନବସମାଜର ରୂପାନ୍ତର ଚାହେଁ ଯାହା ଏପର୍ଯ୍ୟନ୍ତ କେବେ ବି ହୋଇ ନାହିଁ । ଏବଂ ଯାହାର ପରିଣାମରେ ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ଥିବା ପରଦା ଦୂର ହେବ, ଆମ୍ଭମାନଙ୍କ ମଧ୍ୟରେ ଥିବା ସେହି ଦିବ୍ୟ-ମାନବତ୍ୱ ମୂର୍ତ୍ତ ହେବ ଏବଂ ଆମ୍ଭମାନଙ୍କ ପାର୍ଥିବ ଜୀବନ ଭାଗବତ ସତ୍ୟ, ଜ୍ୟୋତି ଓ ସାମର୍ଥ୍ୟ ଦ୍ୱାରା ରୂପାନ୍ତରିତ ହେବ ।''

କର୍ମ, ଜୀବନ ଓ ସଂସାରରେ ବିଜୟ ପ୍ରାପ୍ତ କରିବାକୁ ହେଲେ ତାକୁ ଦିବ୍ୟତା ପ୍ରଦାନ କରିବାକୁ ହେବ । ମନୁଷ୍ୟ ଜୀବନର ଓ ମନୁଷ୍ୟ ସମାଜର ଅଧ୍ୟାତ୍ମୀକରଣ (Spiritualisation) ହେଉଛି ଆମ୍ଭମାନଙ୍କର ଯଥାର୍ଥ ଲକ୍ଷ୍ୟ ଓ ସାଧନା । ଶିଳ୍ପତନ୍ତ୍ର (Technocracy), ଯନ୍ତ୍ରବାଦ (Mechanisation) ଏବଂ ବିଜ୍ଞାନ (Science), ଯୁକ୍ତି, ବୁଦ୍ଧି, କର୍ମଦକ୍ଷତା, ଜୀବନବାଦ ଇତ୍ୟାଦି ରହିପାରେ ମାତ୍ର ଏକ ଆଧ୍ୟାତ୍ମିକ ଭିତ୍ତି ଉପରେ । ଭାରତୀୟ ଉତ୍‌ଥାନର ଏହି



ସର୍ବୋତ୍ତମ ରହସ୍ୟକୁ ଆମ୍ଭର ଜୀବନଦର୍ଶନ, ରାଷ୍ଟ୍ରୀୟ ଲକ୍ଷ୍ୟ, ଶିକ୍ଷାର ଉଦ୍ଦେଶ୍ୟ, ଶିଳ୍ପ, କଳକାରଖାନା ଓ ସକଳ ସମସ୍ୟାରେ ପ୍ରଧାନ ସ୍ଥାନ ଦେବାକୁ ହେବ । ଆଧୁନିକ ଭାରତ ଯଦି ଏହି ଆଦର୍ଶ ଗ୍ରହଣ କରେ ତେବେ ସଙ୍ଗେ ସଙ୍ଗେ ଜାତୀୟ ଉନ୍ମାଦନା ଓ ଜାଗରଣ ଦେଖାଦେବ । ଯେଉଁ ରାଷ୍ଟ୍ରୀୟ ଐକ୍ୟ ଓ ଜାତୀୟ ସଂହତି ନିମିତ୍ତ ସରକାର ଆଜି ଆପ୍ରାଣ ଚେଷ୍ଟିତ ତାହା ଅଚିରେ ଲାଭ କରାଯାଇ ପାରିବ । ଐକ୍ୟ, ସମନ୍ୱୟ, ସଂହତି, ଭ୍ରାତୃତ୍ୱ ମୂଳତଃ ଆଧ୍ୟାତ୍ମିକ ବସ୍ତୁ,– ତାହା ଅନ୍ୟତ୍ର ଅନ୍ୟ ଭୂମିରେ ମନ, ପ୍ରାଣ ଓ ଶରୀର କ୍ଷେତ୍ରରେ ସାଧିତ ହେବ କିପରି ?

କୌଣସି ଜାତି ଲକ୍ଷ୍ୟହୀନ ଓ ଉଦ୍ଦେଶ୍ୟହୀନ ହୋଇ ବେଶୀ ଦିନ ବଞ୍ଚି ରହି ନ ପାରେ । ପ୍ରତ୍ୟେକ ଜାତିକୁ ସ୍ୱକୀୟ ପ୍ରତିଭାରେ ବିକଶିତ ହୋଇ ଉଠିବାକୁ ହେବ । ଆମ୍ଭମାନଙ୍କୁ ଏହି ଅଧ୍ୟାତ୍ମ ଲକ୍ଷ୍ୟ ହାସଲ କରିବାକୁହିଁ ହେବ । ୧୯୨୦ ସାଲରେ ଶ୍ରୀଅରବିନ୍ଦ ଲେଖିଥିଲେ :

''ଆମ୍ଭମାନଙ୍କର **ପ୍ରଥମ ଉଦ୍ଦେଶ୍ୟ** ହେବ – ଏହି ଆଦର୍ଶକୁ ଘୋଷଣା କରିବା – ଆଧ୍ୟାତ୍ମିକ ପରିବର୍ତ୍ତନ ଯେ ସର୍ବପ୍ରଥମ ଆବଶ୍ୟକ ଏହା ଉପରେ ଜୋର ଦେବା ଏବଂ ସେହି ସମସ୍ତଙ୍କୁ ଏକତ୍ର କରିବା ଯେଉଁମାନେ ଏହାକୁ ଗ୍ରହଣ କରିବେ ଏବଂ ସିଦ୍ଧ କରିବା ନିମିତ୍ତ ଐକାନ୍ତିକ ଭାବେ ପ୍ରଯତ୍ନ କରିବେ । ଆମ୍ଭମାନଙ୍କର **ଦ୍ୱିତୀୟ ଉଦ୍ଦେଶ୍ୟ** : ଏହି ଆଦର୍ଶ ଉପରେ କେବଳ ବ୍ୟକ୍ତି-ଜୀବନ ପ୍ରତିଷ୍ଠିତ ହେବ ନାହିଁ ବରଂ ଏକ ଗୋଷ୍ଠୀବଦ୍ଧ-ଜୀବନ ମଧ୍ୟ ଏହା ଉପରେ ପ୍ରତିଷ୍ଠିତ ହେବ । ବାହ୍ୟ କର୍ମ ସଙ୍ଗରେ ଏକ ଆନ୍ତର ପରିବର୍ତ୍ତନ ଆବଶ୍ୟକ ଏବଂ ଏକାଧାରରେ ଅବଶ୍ୟ ଆମ୍ଭମାନଙ୍କର ସାଂସ୍କୃତିକ, ଶିକ୍ଷା-ବିଷୟକ ଓ ଅର୍ଥନୈତିକ ଜୀବନରେ ଏହା ଯେପରି ପ୍ରତିଫଳିତ ହୁଏ । ଯୁଗପତ୍ ଏହାର କାର୍ଯ୍ୟକ୍ଷେତ୍ର ହେବ ବ୍ୟକ୍ତିଗତ ଓ ଗୋଷ୍ଠୀଗତ; ଆଞ୍ଚଳିକ ଓ ଜାତୀୟ ଏବଂ ଅବଶେଷରେ କେବଳ ଦେଶ ନିମିତ୍ତ ନ ହୋଇ ଏହା ସମଗ୍ର ମାନବ-ସମାଜ ନିମିତ୍ତ ଉଦ୍ଦିଷ୍ଟ ହେବ । ଏହି କର୍ମର ପ୍ରତ୍ୟକ୍ଷ ଫଳ ହେବ ଏକ ନବୀନ

ସୃଷ୍ଟି, ଏକ ଆଧ୍ୟାତ୍ମିକ ଶିକ୍ଷା ଓ ସଂସ୍କୃତି, ଏକ ବ୍ୟାପକ ସାମାଜିକ ପ୍ରେରଣା ଯାହା ବିଭେଦ ଉପରେ ପ୍ରତିଷ୍ଠିତ ନ ହୋଇ ପ୍ରତିଷ୍ଠିତ ହେବ ବ୍ୟକ୍ତିର ପୂର୍ଣ୍ଣ ବିକାଶ ଓ ସ୍ୱାଧୀନତା ଉପରେ, ଅନ୍ୟ ବ୍ୟକ୍ତି ସହିତ ଏକତ୍ୱ ଏବଂ ଦେଶ ଓ ମାନବ-ସମାଜର ବୃହତ୍ତର ସତ୍ତା ପାଇଁ ଆତ୍ମୋତ୍ସର୍ଗ ଉପରେ । ଭାରତର ଆର୍ଥନୀତିକ ସମସ୍ୟାର ସମାଧାନ କରିବାକୁ ହେବ ପାଶ୍ଚାତ୍ୟ ଆଦର୍ଶ ଅନୁସରଣରେ ନୁହେଁ, ବରଂ ଭାରତର ନିଜସ୍ୱ ଗୋଷ୍ଠୀଗତ ଜୀବନ-ନୀତି ଅନୁସାରେ ।''

ସୁତରାଂ ଭାରତର ଅଭ୍ୟୁତ୍ଥାନର ଚରମ ଲକ୍ଷ୍ୟ ଯଦି ଏକ ନବୀନ ସୃଷ୍ଟି, ନୂତନ ଜଗତ, ନୂତନ ସମାଜ, ତେବେ ତାହା ସମ୍ଭବ ଏକ ନୂତନ ଅଧ୍ୟାତ୍ମ-ଚେତନାର ଭିତ୍ତି ଉପରେ । ଏହି ଅଧ୍ୟାତ୍ମ-ଚେତନାର ମୂର୍ତ୍ତ ପ୍ରତୀକ ହେଲେ ସ୍ୱୟଂ ଶ୍ରୀଅରବିନ୍ଦ । ତାଙ୍କର ଅତିମାନସ ଦିବ୍ୟ-ସିଦ୍ଧିହିଁ ସନାତନ ଧର୍ମର ସର୍ବନୂତନ ପର୍ଯ୍ୟାୟ ଓ ଭାରତୀୟ ଜାତୀୟତାର ପୂର୍ଣ୍ଣତମ ଅଭିବ୍ୟକ୍ତି । ଏଥିପାଇଁହିଁ ଏକ ଆକସ୍ମିକ ବ୍ୟାପାର ରୂପେ ନୁହେଁ, ବରଂ ବିଧି-ନିର୍ଦ୍ଦିଷ୍ଟ ଘଟଣା ରୂପେ ଶ୍ରୀଅରବିନ୍ଦଙ୍କର ଜନ୍ମ ଦିବସରେହିଁ ନବଭାରତର ଜନ୍ମ ଓ ମୁକ୍ତି ।

## ଭାରତର ଅନ୍ତର୍ଦ୍ୱନ୍ଦ୍ୱ

ପୂର୍ବ ଅଧ୍ୟାୟରେ କିପରି ଭାରତବର୍ଷ ତାହାର ସ୍ୱରୂପ ଓ ସ୍ୱଧର୍ମ ସମ୍ବନ୍ଧେ ସଚେତନ ନ ହୋଇ ତାହାର ରାଷ୍ଟ୍ରୀୟ ବିଧାନ, ସାମାଜିକ ପୁନର୍ଗଠନ ଓ ଜୀବନ-ଦର୍ଶନରେ ଏକ ପାଶ୍ଚାତ୍ୟ ମନୋଭାବ ଗ୍ରହଣ କରିଛି ଏବଂ କିପରି ଭାରତର ବର୍ତ୍ତମାନ ପରିସ୍ଥିତି : କଳକାରଖାନା, ବାଣିଜ୍ୟ, ଗୁରୁ ଶିଳ୍ପ, ଶିକ୍ଷା, ଶାସନ ଓ ବିଭିନ୍ନ ସମବାୟ ପ୍ରତିଷ୍ଠାନ ତା'ର ଅତୀତ ପରମ୍ପରା ଓ ଅଧ୍ୟାତ୍ମ-ବାଦ ସହିତ ଖାପ ଖାଉ ନାହିଁ ଏବଂ କିପରି ସକଳ କ୍ଷେତ୍ରରେ ଗୋଟାଏ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଇଛି, ତା'ର ଆଲୋଚନା କରିଛୁ । ଭାରତର ଏହି ଅନ୍ତର୍ଦ୍ୱନ୍ଦ୍ୱହିଁ ବର୍ତ୍ତମାନ ତା'ର ସର୍ବପ୍ରଧାନ ସମସ୍ୟା – ଯାହାର ସମାଧାନ ଉପରେ ଭାରତର ଭବିଷ୍ୟତ, ତଥା ମାନବଜାତିର ଭବିଷ୍ୟତ ନିର୍ଭର କରୁଛି । ଯେହେତୁ ଏହି ସମସ୍ୟା ଅତ୍ୟନ୍ତ ଗୁରୁତର ଏବଂ ବ୍ୟାପକ, ସେଥିନିମିତ୍ତ ଏ ସମ୍ବନ୍ଧରେ ଏକ ସ୍ୱଚ୍ଛ ଆଲୋଚନା ଦରକାର । ଏହି ଅଧ୍ୟାୟରେ ଆମ୍ଭେମାନେ ଭାରତର ଏହି ଅନ୍ତର୍ଦ୍ୱନ୍ଦ୍ୱ ସମସ୍ୟା ଉପରେ ଆଲୋକପାତ କରିବା ।

ଅନ୍ତର୍ଦ୍ୱନ୍ଦ୍ୱର ଅର୍ଥ ହେଲା ଦୁଇଟି ପରସ୍ପର ବିରୋଧୀ ସତ୍ୟ ବା ତତ୍ତ୍ୱର ଏକତ୍ର ସମାବେଶ ଯୋଗୁଁ ଯେଉଁ ସଙ୍ଘର୍ଷ ବା ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ଏହି ଉଭୟ ତତ୍ତ୍ୱର ସଙ୍ଘର୍ଷ ଏପରି ତୀବ୍ର ଓ ଭୟଙ୍କର ହୁଏ ଯେ ଶେଷରେ ଗୋଟିଏ ଅନ୍ୟଟି ଉପରେ ବିଜୟ ହାସଲ କରେ ଏବଂ ପରାଜିତ ତତ୍ତ୍ୱଟି ଆଚ୍ଛାଦିତ, ଲୁପ୍ତ ବା ଅନ୍ତର୍ହିତ ହୁଏ । ଗୋଟାଏ ଗୋଟାଏ ସଭ୍ୟତା, ସଂସ୍କୃତି ଏବଂ ବିରାଟ ଐତିହ୍ୟ ବା ପରମ୍ପରା ଏହିପରି ବିଲୁପ୍ତ ହୁଏ । ଏହାକୁହିଁ ବିଖ୍ୟାତ ଐତିହାସିକ 'ଟୟନବି' (Toynbee) ସଂସ୍କୃତି ଓ ଐତିହାସିକ ବିଚାର ଧାରାରେ Challenge-response Formula ବା ''ଆହ୍ୱାନ ଓ ପ୍ରତ୍ୟୁତ୍ତର ସୂତ୍ର'' ନାମରେ ନାମିତ କରିଛନ୍ତି । ବିଭିନ୍ନ ଯୁଗରେ ବିଭିନ୍ନ ବିଚାରଧାରା ବା ତତ୍ତ୍ୱ ଆସି ଅନ୍ୟ ଗୋଟିଏ

ତଥ୍ୟ ବା ସତ୍ୟକୁ ଆହ୍ୱାନ କରେ ଏବଂ ପ୍ରଥମୋକ୍ତ ତଥ୍ୟ ବା ସତ୍ୟ ଯଦି ଏହି ଆହ୍ୱାନର ସମ୍ମୁଖୀନ ହୋଇ ତାହାର ଯଥାଯଥ ପ୍ରତ୍ୟୁତ୍ତର ଦିଏ ଏବଂ ସେହି ବିଦେଶୀ ତତ୍ତ୍ୱ ବା ଶକ୍ତିକୁ ଆତ୍ମସାତ୍ କରିପାରେ ତେବେ ତାହା ବଞ୍ଚିରହେ ନଚେତ୍ ସେହି ବିଦେଶୀ ତତ୍ତ୍ୱ ସଂଗ୍ରାମରେ ବିଜୟୀ ହୁଏ । ଏହି ପ୍ରକାର 'ଅନ୍ତର୍ଦ୍ୱନ୍ଦ୍ୱ'ର ବିଭିନ୍ନ ଉଦାହରଣ ଇତିହାସରେ ବିରଳ ନୁହେଁ, ଜାତୀୟ ଅଭ୍ୟୁତ୍ଥାନରେ ମଧ୍ୟ ବିରଳ ନୁହେଁ ।

ତେବେ ଭାରତରେ ଏହି ଅନ୍ତର୍ଦ୍ୱନ୍ଦ୍ୱ ଦେଖା ଦେଇଛି କିପରି ? ଭାରତୀୟ ସଂସ୍କୃତି, ସଭ୍ୟତା, ଚିନ୍ତାଧାରା ଆଜି କ'ଣ ସେହିପରି କୌଣସି ବାହ୍ୟ, ବିଦେଶୀ ସତ୍ୟ ବା ତତ୍ତ୍ୱ ବା ନୀତିର ସମ୍ମୁଖୀନ ହୋଇ ସଙ୍ଘର୍ଷର ଭୂମିରେ ଛିଡ଼ା ହୋଇଛି କି ? ଭାରତୀୟ ସଂସ୍କୃତି ଏହିପରି ଏକ ସଙ୍ଘର୍ଷର ସମ୍ମୁଖୀନ ହେଲା କାହିଁକି ? ଭାରତୀୟ ସଂସ୍କୃତି ବା ପରମ୍ପରା ଏହି ବାହ୍ୟ ଆକ୍ରମଣରୁ ନିଜକୁ ମୁକ୍ତ କରିପାରିବ କି ? ଯଦିବା ଏହି ଆକ୍ରମଣର ସମ୍ମୁଖୀନ ହୋଇ ସେ ନିଜକୁ ହରାଏ ତେବେ ଏଥିରେ ମାନବ-ସମାଜର କୌଣସି ଗୁରୁତର କ୍ଷତି ହେବ କି ?

ଏ ସମ୍ବନ୍ଧରେ ଗୁରୁତର ଏବଂ ବ୍ୟାପକ ଆଲୋଚନା କରିବା ପୂର୍ବରୁ ଭାରତୀୟ ସଂସ୍କୃତି, ପରମ୍ପରା, ଜୀବନ ଦର୍ଶନ ଓ ତା'ର ସର୍ବ-ବ୍ୟାପକ ଦୃଷ୍ଟିକୋଣର ମୂଳନୀତିଗୁଡ଼ିକ ସ୍ପଷ୍ଟ କରିଦେବା ଉଚିତ । ଭାରତୀୟ ସଂସ୍କୃତି ଓ ପରମ୍ପରା ବା ଦୃଷ୍ଟିକୋଣ କହିଲେ ଆମେ ବୁଝୁ କ'ଣ ?

ଭାରତୀୟ ସଂସ୍କୃତିର ଗୋଟାଏ ବିବର୍ତ୍ତନ ଧାରା ରହିଛି ଏବଂ ଏହା ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ରୂପରେ ନିଜକୁ ବ୍ୟକ୍ତ କରିଛି, ତଥାପି ଏହାର ''ସ୍ୱରୂପ, ସ୍ୱଧର୍ମ ଓ ସାଧନା'' ଚିରଦିନ ଏକ, ଅଖଣ୍ଡ ଓ ଅବିଭକ୍ତ ରହିଛି । ଏଥିରେହିଁ ଭାରତର ଐକ୍ୟ ଓ ସଂହତି ନିହିତ – ଏହାହିଁ ଭାରତର ସନାତନ ଧର୍ମ ।

ବ୍ୟାପକ ଦୃଷ୍ଟିରେ କହିବାକୁ ଗଲେ ଭାରତୀୟ ସଂସ୍କୃତିର ମୂଳଭିତ୍ତି ହେଲା ''ବେଦାନ୍ତର ଅଧ୍ୟାତ୍ମ-ବାଦ'' । ବେଦାନ୍ତର ଆଧ୍ୟାତ୍ମିକତା ଭାରତୀୟ ଜୀବନଧାରା, ଶିକ୍ଷା, ସାହିତ୍ୟ, କଳା, ରାଜନୀତି, ସମାଜ, ଦର୍ଶନ ଓ ବିଚାରକୁ



ଅତି ଗଭୀରଭାବେ, ତା'ର ପ୍ରାଣ, ଆତ୍ମା ବା ହୃତ୍‌କେନ୍ଦ୍ର ତୁଲ୍ୟ ପ୍ରଭାବିତ କରିଛି । ଭାରତୀୟ ସଂସ୍କୃତିର ଆତ୍ମାହିଁ ବେଦାନ୍ତର ସତ୍ୟୋପଲବ୍ଧି ଓ ସିଦ୍ଧି ।

ମୁଖ୍ୟତଃ ବେଦାନ୍ତର ଅଧ୍ୟାତ୍ମବାଦରେ ଆମ୍ଭେମାନେ ନିମ୍ନଲିଖିତ ମୂଳତତ୍ତ୍ୱଗୁଡ଼ିକ ସ୍ପଷ୍ଟରୂପେ ଦେଖିବାକୁ ପାଉ :

(୧) ଏହି ପରିଦୃଶ୍ୟମାନ ଜଗତର ପଶ୍ଚାତରେ ଏକ ପରମ ସଦ୍‌ବସ୍ତୁ, ପରମା ଶକ୍ତି, ପୂର୍ଣ୍ଣ ଆନନ୍ଦ ବିଦ୍ୟମାନ, ଅର୍ଥାତ୍ ଏକ ଅଖଣ୍ଡ, ଅନନ୍ତ ସଚ୍ଚିଦାନନ୍ଦହିଁ ଏହି ବିଶ୍ୱର ଉତ୍ପତ୍ତିସ୍ଥଳ ଓ ମୂଳ ସତ୍ୟ । ସେହିଁ ବହୁ ରୂପରେ,– ଜଡ଼ (ଦେହ), ପ୍ରାଣ, ମନ ଓ ଆତ୍ମା ରୂପରେ ଅଭିବ୍ୟକ୍ତ ହୋଇ ଅଛନ୍ତି ।

ଉପନିଷଦକାର କଠୋପନିଷଦରେ ଏ ବିଷୟ ବର୍ଣ୍ଣନା କରି କହୁଅଛନ୍ତି :

ଊର୍ଦ୍ଧ୍ୱମୂଲୋଽବାକ୍‌ଶାଖ ଏଷୋଽଶ୍ୱତ୍ଥଃ ସନାତନଃ ।
ତଦେବ ଶୁଭ୍ରଂ ତଦ୍‌ବ୍ରହ୍ମ ତଦେବାମୃତମୁଚ୍ୟତେ ।
ତସ୍ମିଂଲ୍ଲୋକାଃ ଶ୍ରିତାଃ ସର୍ବେ ତଦୁ ନାତ୍ୟେତି କଶ୍ଚନ ।
ଏତଦ୍ୱୈ ତତ୍ ॥୧॥

ଅର୍ଥାତ୍ ଏହାହିଁ (ଏହି ସୃଷ୍ଟି) ଏକ ସନାତନ ଅଶ୍ୱତ୍ଥ ବୃକ୍ଷ ଯାହାର ଚେର ଊର୍ଦ୍ଧ୍ୱରେ ଏବଂ ଶାଖା-ପ୍ରଶାଖା ନିମ୍ନ ଆଡ଼କୁ । ସେହିଁ ଏକ ଶୁଭ୍ର ସଦ୍‌ବସ୍ତୁ, ବ୍ରହ୍ମ; ତାଙ୍କୁହିଁ ଅମୃତ କହନ୍ତି, ତାଙ୍କ ମଧ୍ୟରେ ସକଳ ଲୋକ ଅବସ୍ଥିତ, ତାଙ୍କ ଊର୍ଦ୍ଧ୍ୱରେ ଅନ୍ୟ କିଛି ନାହିଁ ।

(୧) ଏହାହିଁ ତାହା, ଯାହା ତୁ ଖୋଜୁଅଛୁ ।

(୨) ଏହି ପରମ ସତ୍ ପରାତ୍ପର ତତ୍ତ୍ୱହିଁ ସୃଷ୍ଟି, ସ୍ଥିତି, ବିଳୟ, କର୍ମ, ଜୀବନ, ସଂସାର ସକଳ ବସ୍ତୁର ଓ ସକଳ ଅବସ୍ଥାର ଧାରଣ କର୍ତ୍ତା, ନିୟାମକ ଓ ଶାସକ । ତାଙ୍କର ବିଧାନହିଁ ପରମ ବିଧାନ, ତାଙ୍କର ସଂକଳ୍ପ ଓ କ୍ରିୟାହିଁ ଶେଷ ସଂକଳ୍ପ ଓ କ୍ରିୟା ।

(୩) ଏହି ଅଖଣ୍ଡ ମହା ସତ୍ୟହିଁ ପରମ ହିତ, ପରମ ମଙ୍ଗଳ, ପରମ ପଦ ଓ ପରମ ଗତି ।

(୪) ସଂସାରରେ ମନୁଷ୍ୟ ଜୀବନର ଚରମ ଅର୍ଥ, ରହସ୍ୟ ଓ ଲକ୍ଷ୍ୟ ହେଲା ଏହି ପରମ ପଦ ଓ ପରମ ମୁକ୍ତିକୁ ପ୍ରାପ୍ତ ହେବା । ଏହି ଜଗତ ଅଜ୍ଞାନ ଓ ବିକୃତିର କ୍ଷେତ୍ର, ବହୁର କ୍ଷେତ୍ର, ଏହା ମଧ୍ୟରୁ ଅପସରି ଯାଇ ଏକ ନିଷ୍କଳଙ୍କ, ଶୁଭ୍ର ତତ୍ତ୍ୱ ବା ଅମୃତ ମଧ୍ୟରେ ପ୍ରବେଶ କରିବା ।

ବେଦାନ୍ତର ଏହି ଜୀବନ-ଦର୍ଶନ ଭାରତୀୟ ସଂସ୍କୃତିର ମୂଳ ବସ୍ତୁ ରୂପେ ସର୍ବତ୍ର ବିଦ୍ୟମାନ । ସେଥିପାଇଁ ଏହା ଭାରତୀୟ ଶିଳ୍ପ, କଳା, ସାହିତ୍ୟ, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ନୃତ୍ୟ, ସଙ୍ଗୀତ, ରାଜନୀତି, ସମାଜନୀତି, ଆଚାର, ବ୍ୟବହାର, ଶାସନ,— ସକଳ ବସ୍ତୁ ମଧ୍ୟରେ ପ୍ରବେଶ କରିଥିଲା । ଏଥିପାଇଁ ଭାରତୀୟ ସଂସ୍କୃତି ଓ ଭାରତୀୟ ପରମ୍ପରାକୁ ଅଧ୍ୟାତ୍ମ-ପ୍ରଧାନ ବୋଲି କୁହାଯାଏ । ଆଧ୍ୟାତ୍ମିକତାର ଏଠାରେ ବିଶେଷ ଅର୍ଥ ଏହି ଯେ ମନୁଷ୍ୟ ସ୍ୱୀୟ ଅନ୍ତରରେ ଏପରି ଏକ ସ୍ଥିତି, ଅଧିଷ୍ଠାନ ବା ଚେତନା ବା ସତ୍ତା ଆବିଷ୍କାର କରେ ଯାହା ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଏକ ଅଖଣ୍ଡ ବସ୍ତୁ । ଏହି ବସ୍ତୁ ବା ସତ୍ତା ଏକାଧାରରେ ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ । ଏହି ଅଧ୍ୟାତ୍ମ-ଚେତନାକୁ ବ୍ୟଷ୍ଟି ଓ ସାମାଜିକ ଜୀବନରେ ପୁଷ୍ଟ ଓ ସମୃଦ୍ଧ କରାଇ ଲୋକ-କଲ୍ୟାଣ ସାଧନ କରିବାହିଁ ବେଦାନ୍ତ-ଦର୍ଶନର ଅନ୍ୟତମ ଦୃଷ୍ଟି । ଏହି ଅଧ୍ୟାତ୍ମ-ଚେତନାରେ ପ୍ରତିଷ୍ଠିତ ବିଜୟୀ ପୁରୁଷହିଁ ସ୍ୱରାଟ୍, ଯେ ଅପେକ୍ଷା କରେ ବିଶ୍ୱର ସାମ୍ରାଜ୍ୟ ନିମିତ୍ତ, କାରଣ ସ୍ୱରାଟ୍ ଓ ସମ୍ରାଟ୍ ଏକହିଁ ଚେତନାର ବିଭିନ୍ନ ଭାଜ୍ୟ । ଜ୍ଞାନ, ଆନନ୍ଦ, ପ୍ରେମ, ସୌହାର୍ଦ୍ଦ୍ୟ, ଐକ୍ୟ, ମୈତ୍ରୀ, ସାମ୍ୟ, ଶାନ୍ତି ଓ ସନ୍ତୋଷ ଏହିସବୁ ଅଧ୍ୟାତ୍ମ-ବସ୍ତୁ ଏବଂ ଆତ୍ମାର ଧର୍ମ । ଆତ୍ମଜ୍ଞାନରେ ଚରମ ଜ୍ଞାନହିଁ ପ୍ରାପ୍ତ ହୁଏ । ସେଥିପାଇଁ ସର୍ବକାଳରେ, ସର୍ବାବସ୍ଥାରେ ଏହାହିଁ ପ୍ରଥମ ଉପଦେଶ ଥିଲା :— 'ଆତ୍ମାନଂ ବିଦ୍ଧି' — Know thyself.

ଭାରତୀୟ ସଂସ୍କୃତିର ଏହି ମୁଖ୍ୟ ଅଧ୍ୟାତ୍ମ ଧାରାକୁ ଯୁଗେ ଯୁଗେ



ମହାପୁରୁଷ, ଅବତାର, ବିଭୂତି, ସନ୍ଥ, ସାଧୁ, ମହାତ୍ମାଗଣ ଜନ୍ମଗ୍ରହଣ କରି ପୁଷ୍ଟ, ସମୃଦ୍ଧ, ଉନ୍ନତ, ପ୍ରସାରିତ ଓ ବ୍ୟାପକ କରିଛନ୍ତି । ମଧ୍ୟଯୁଗରେ ଏହି ଧାରା ତତ୍କାଳୀନ ଆଚାର୍ଯ୍ୟମାନଙ୍କ ଦ୍ୱାରା ଏକ ଏକ ଅଧ୍ୟାତ୍ମ-ସିଦ୍ଧି ଓ ମତବାଦ ଉପରେ ପ୍ରତିଷ୍ଠିତ ହୋଇ ଏ ପର୍ଯ୍ୟନ୍ତ ଚାଲି ଆସିଛି । ଆଚାର୍ଯ୍ୟ ଶଙ୍କର ଯେଉଁ ଜୀବନ-ଦର୍ଶନ ପ୍ରଚାର କରିଥିଲେ ତାହାର ମୂଳ ଭିତ୍ତି ଯାହା, ଆଚାର୍ଯ୍ୟ ରାମାନୁଜ ଯେଉଁ ଜୀବନ-ଦର୍ଶନ ଓ ଅଧ୍ୟାତ୍ମବାଦ ପ୍ରଚାର କରିଥିଲେ ତାହାର ମୂଳ ତତ୍ତ୍ୱହିଁ ତାହା । ଏକ ଶାସ୍ତ୍ର, ସୂତ୍ର ଓ ମନ୍ତ୍ରରୁ ବହୁ ଦର୍ଶନ ଓ ବହୁ ଅଧ୍ୟାତ୍ମ ଲକ୍ଷ୍ୟର ଉଦ୍ଭବ ହେଲା; କିନ୍ତୁ ଗୋଟାଏ କଥା ସ୍ପଷ୍ଟ ଯେ ଏ ସକଳ ଦର୍ଶନର ଏକମାତ୍ର ଚରମ ଲକ୍ଷ୍ୟ ଥିଲା ମୁକ୍ତି । ଶଙ୍କରଙ୍କ ଅଦ୍ୱୈତ ସିଦ୍ଧି, ରାମାନୁଜଙ୍କ ବିଶିଷ୍ଟାଦ୍ୱୈତ ସିଦ୍ଧି, ମାଧ୍ୱଙ୍କ ଦ୍ୱୈତ ସିଦ୍ଧି, ନିମ୍ବାର୍କଙ୍କ ଦ୍ୱୈତାଦ୍ୱୈତ ସିଦ୍ଧି, ବଲ୍ଲଭଙ୍କ ଶୁଦ୍ଧାଦ୍ୱୈତ ସିଦ୍ଧିର ଲକ୍ଷ୍ୟ ଥିଲା ଏହି ଜଗତରୁ ମୁକ୍ତି ଲାଭ କରି ପରମ ବ୍ରହ୍ମରେ ଲୀନ ହେବା ବା ସାକେତ, ଗୋଲୋକ, ବୈକୁଣ୍ଠ, ବୃନ୍ଦାବନରେ ଶ୍ରୀହରି ବା ଶ୍ରୀବିଷ୍ଣୁ ବା ଶ୍ରୀକୃଷ୍ଣଙ୍କ ସାମୀପ୍ୟ ବା ସାନ୍ନିଧ୍ୟ ଲାଭ କରିବା, ଚିନ୍ମୟ ଶରୀରରେ ତାଙ୍କର ଲୀଳାର ସହଚର ହେବା । ଏହି ଅଧ୍ୟାତ୍ମଭାବଧାରା ପଞ୍ଚଦଶ ଶତାବ୍ଦୀରେ ଶ୍ରୀଚୈତନ୍ୟଙ୍କଠାରେ ପ୍ରେମଧର୍ମ ରୂପେ ପ୍ରଚାରିତ ହୋଇଛି । ଏପର୍ଯ୍ୟନ୍ତ ଅଧ୍ୟାତ୍ମ-ଚେତନା ଓ ଶକ୍ତି ଜୀବନ୍ତ ରହିଛି । ଏହା ପରେ ଅଧ୍ୟାତ୍ମ-ଭାବଧାରା କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇଛି ଏବଂ ଏକଦେଶଦର୍ଶୀ ହୋଇ ମୋକ୍ଷାଭିମୁଖୀ ହୋଇ କ୍ରମଶଃ ଜୀବନ, କର୍ମ ଓ ସଂସାରକୁ ତ୍ୟାଗ କରିଛି । ଏହି ଆଧ୍ୟାତ୍ମିକ ସାଧନା ଆଣିଛି ଆତ୍ମା-ମୁକ୍ତି, ଦେଇଛି ଶାନ୍ତି ଓ ସନ୍ତୋଷ; କିନ୍ତୁ କର୍ମ ଓ ଜୀବନକୁ, ସଂସାର ଓ ଦ୍ୱନ୍ଦ୍ୱର କ୍ଷେତ୍ରକୁ ଏହା ଅଧିକାର କରିବା ଦୂରେ ଥାଉ, ଶାସନ ବା ସମାଧାନ ମଧ୍ୟ କରିପାରି ନାହିଁ । ବହୁ ଆତ୍ମା ସିଦ୍ଧି ଲାଭ କଲେ, ମୁକ୍ତ ହେଲେ ମାତ୍ର ସାମୂହିକ ପାର୍ଥିବ ଜୀବନ ହେଲା ତାମସିକ, କ୍ଳୀବ ଓ ସାମର୍ଥ୍ୟଶୂନ୍ୟ ।

ଭାଗ୍ୟର ବିପର୍ଯ୍ୟୟ ଯୋଗୁଁ ହେଉ ବା ବିଧିନିର୍ଦ୍ଦିଷ୍ଟ କାରଣ ଯୋଗୁଁ ହେଉ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଭାରତ ପରପଦାନତ ହୋଇ ସାରିଛି ।

ପାଶ୍ଚାତ୍ୟରୁ ଆସିଛି ଗୋଟାଏ ପ୍ରବଳ ଆହ୍ୱାନ, ଗୋଟାଏ ପ୍ରବଳ ଆକ୍ରମଣ, ଯାହା ଗୋଟାଏ ଝଡ଼ ରୂପେ ଏ ଦେଶରେ ବହିଗଲା ଏବଂ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଚୂରମାର କରିଦେବାକୁ ବସିଲା । ଏହି ସମୟରେ ଭାରତ ଯେପରି ତାହାର ଆତ୍ମଶକ୍ତିକୁ ହରାଇ ବସିଛି ଓ ସମଗ୍ର ଦେଶ ମୁମୂର୍ଷୁ, ସୁପ୍ତ ଓ ପ୍ରତିହତ ଅବସ୍ଥାରେ ରହିଛି । ଏହି ସମୟରେ, ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ପରମ ପୁରୁଷ ଶ୍ରୀରାମକୃଷ୍ଣ ପରମହଂସଦେବ ଭାରତର ସନାତନ ଶୁଦ୍ଧ ଅଧ୍ୟାତ୍ମ ତପୋବଳର ଏକ ଜ୍ୱଳନ୍ତ, ଜୀବନ୍ତ ପ୍ରତିମୂର୍ତ୍ତି ରୂପେ ଦେଖାଦେଲେ । ପରମହଂସ ଦେବଙ୍କ ସାଧନା, ସିଦ୍ଧି, ସାମର୍ଥ୍ୟରେ ଭାରତର ଆତ୍ମ-ଶକ୍ତି ପୁନରୁଜ୍ଜୀବିତ, ଜାଗ୍ରତ ହୋଇ ଉଠିଲା । ଏହି ଶକ୍ତି ଓ ସାମର୍ଥ୍ୟକୁ ବିବେକାନନ୍ଦ ଧାରଣ କରି ବେଦାନ୍ତର ଏକ ମହାନ୍ ଶିଷ୍ୟରୂପେ ଭାରତୀୟ ଜାତୀୟ ଜୀବନର ମହତ୍ତ୍ୱ ଓ ଗୁରୁତ୍ୱ ଜଗତ-ସମକ୍ଷରେ ପ୍ରତିଷ୍ଠା କଲେ । ଉପନିଷଦର ଅଧ୍ୟାତ୍ମ-ଅଗ୍ନିକୁଣ୍ଡରୁ ଜାତ ଏହି ଶୁଭ୍ର, ଜ୍ୱଳନ୍ତ ଅଗ୍ନିମୟ ପୁରୁଷ ପାଶ୍ଚାତ୍ୟ ସଂସ୍କୃତିର ଘୂର୍ଣ୍ଣିବାୟୁ ବା ଝଡ଼ର ସମ୍ମୁଖୀନ ହୋଇ ଭାରତବାସୀଙ୍କୁ ସ୍ୱକୀୟ ସାଧନା ଓ ସ୍ୱଧର୍ମ ବଳରେ ଛିଡ଼ା ହେବାକୁ ବାରଂବାର ଡାକ ଦେଲେ । ଏହି ସମ୍ବନ୍ଧରେ ବିବେକାନନ୍ଦ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଘୋଷଣାମାନ କରିଥିଲେ ତାହା ଆମ୍ଭେମାନେ ପୂର୍ବବର୍ତ୍ତୀ ପ୍ରବନ୍ଧରେ ଆଲୋଚନା କରିଛୁ । ଏକଥା ଅବଶ୍ୟ ମାନିବାକୁ ହେବ ଯେ ରାମକୃଷ୍ଣ-ବିବେକାନନ୍ଦଙ୍କ ଅଧ୍ୟାତ୍ମଧାରା ଓ କର୍ମାନୁଷ୍ଠାନ ବହୁ ଭାବରେ ପାଶ୍ଚାତ୍ୟ ଆବ୍‌ହାଉଆକୁ ରୋକି ଦେଲା । ତା'ପରେ ପରେ ଯେଉଁ ଅଧ୍ୟାତ୍ମ-ଜାତୀୟ ଭାବଧାରା ପ୍ରଚାରିତ ହୋଇଥିଲା ତାହା ମଧ୍ୟ ଆମ୍ଭେମାନେ ଆଲୋଚନା କରିଛୁ । ଭାରତ ଜାତୀୟତାର ତିନୋଟି ବିଭିନ୍ନ ସ୍ତରର କଥା ମଧ୍ୟ ଉଲ୍ଲେଖ କରିଛୁ । ବର୍ତ୍ତମାନ ଆମ୍ଭେମାନେ ଯେଉଁ ସ୍ତରରେ ଉପନୀତ ହୋଇଅଛୁ ତାହା ହେଲା ଏକ ସଂଘର୍ଷମୂଳକ ସ୍ତର — ଯେଉଁଠାରେ ଭାରତର ପ୍ରାଚୀନ ସଂସ୍କୃତି ଓ ପରମ୍ପରା ଏବଂ ବର୍ତ୍ତମାନର ଆର୍ଥନୀତିକ ଓ ବୈଜ୍ଞାନିକ ଶିଳ୍ପବାଦ ମଧ୍ୟରେ ମୁଖାମୁଖୀ ସଂଗ୍ରାମ ଉପସ୍ଥିତ ।



ଏଠାରେ ସୂଚନା ଦେବା ଉଚିତ ଯେ ପାଶ୍ଚାତ୍ୟ ସଂସ୍କୃତି, ପାଶ୍ଚାତ୍ୟ ବିଚାରଧାରା ବା ପାଶ୍ଚାତ୍ୟ ମନୋଭାବର ଅର୍ଥ କ'ଣ ?

ମୋଟାମୋଟି କହିବାକୁ ଗଲେ ପାଶ୍ଚାତ୍ୟ ସଂସ୍କୃତି ହେଉଛି ପ୍ରଥମତଃ ଭୌତିକବାଦୀ, ବସ୍ତୁବାଦୀ । ପ୍ରାଚ୍ୟର, ବିଶେଷତଃ ଭାରତର ସଂସ୍କୃତିର ସ୍ୱରୂପ ଓ ସ୍ୱଧର୍ମ ଯେପରି ଆଧ୍ୟାତ୍ମିକତା, ପାଶ୍ଚାତ୍ୟର ସ୍ୱରୂପ ଓ ସ୍ୱଧର୍ମ ସେହିପରି ପାର୍ଥିବତା, ବସ୍ତୁତାନ୍ତ୍ରିକତା । ପାଶ୍ଚାତ୍ୟ ସଂସ୍କୃତିରେ କାଁ ଭାଁ ବା ଅଳ୍ପବେଶୀ ଯେ ଅଧ୍ୟାତ୍ମ-ସତ୍ୟର ବିକାଶ ନାହିଁ, ତାହା ନୁହେଁ; କିନ୍ତୁ ଏହା ସର୍ବସାଧାଣ ରୂପେ କେବେ ବି ଜୀବନର ନିୟାମକ ଓ ଶାସକ ହୋଇ ନାହିଁ । ପାଶ୍ଚାତ୍ୟ ସଂସ୍କୃତି ଇହ-ସର୍ବସ୍ୱ, ଭୋଗ-ସର୍ବସ୍ୱ, ସ୍ୱାର୍ଥ-ସର୍ବସ୍ୱ ।

ଦ୍ୱିତୀୟତଃ, ଏଥିରେ ଯାହା ମୁଖ୍ୟ ବସ୍ତୁରୂପେ ଦେଖା ଦେଇଛି ତାହା ହେଲା ପାଶ୍ଚାତ୍ୟର ବିଜ୍ଞାନବାଦ, ଯୁକ୍ତି, ବୁଦ୍ଧି, ବିଚାର, ଜିଜ୍ଞାସା ଓ ଅନୁସନ୍ଧାନ । ଏହି ବିଜ୍ଞାନବାଦହିଁ ସମଗ୍ର ପାଶ୍ଚାତ୍ୟ ଜୀବନଧାରାର ନିୟାମକ, ସଂଗଠକ ଓ ପରିଚାଳକ ।

ତୃତୀୟତଃ ପାଶ୍ଚାତ୍ୟ ସଂସ୍କୃତିର ଆଧାର ହେଲା କର୍ମବାଦ, କର୍ମଦକ୍ଷତା, କାର୍ଯ୍ୟନିପୁଣତା (Efficiency), ଜୀବନବାଦ ।

ସ୍ୱୀୟ କର୍ମର ତୀବ୍ରତା, ଦୃଢ଼ତା ଓ ଅପରିସୀମ କ୍ଷମତା ଦ୍ୱାରା ସମାଜ ଓ ଜାତିର ପୁନର୍ଗଠନ ଓ ରୂପାନ୍ତରକୁ ପାଶ୍ଚାତ୍ୟ ଜଗତ ଏକ ଉତ୍କୃଷ୍ଟ ଉପାୟ ବୋଲି ମାନି ନେଇଛି । ପୁନଶ୍ଚ ବିଜ୍ଞାନ, ବୁଦ୍ଧି ଓ କର୍ମର ପ୍ରାବଲ୍ୟ ଯୋଗୁଁ ଓ ଉତ୍ତରୋତ୍ତର ବିକାଶ ଯୋଗୁଁ ଯେଉଁ ଅଭିନବ ଭୌତିକ ସମୃଦ୍ଧି, ଧନ-ସଂପଦ, ଶିଳ୍ପବାଣିଜ୍ୟ ଓ ପ୍ରାକୃତିକ ଜଗତ ଉପରେ କର୍ତ୍ତୃତ୍ୱ ଦେଖା ଦେଇଛି ତାହା ଅବର୍ଣ୍ଣନୀୟ । ସତେ ଯେପରି ପାଶ୍ଚାତ୍ୟ ଜଗତ ଉନ୍ମତ୍ତ ବ୍ୟକ୍ତି ତୁଲ୍ୟ ସମଗ୍ର ଜଗତକୁ କରାୟତ୍ତ କରିବାକୁ ବସିଛି । ବସ୍ତୁତଃ ପାଶ୍ଚାତ୍ୟର ଯନ୍ତ୍ରତନ୍ତ୍ର (technocracy) ବା ଶିଳ୍ପତନ୍ତ୍ର (Industrialism) ସମଗ୍ର ଜଗତକୁ ଆଜି ଆକ୍ରମଣ କରିଛି । ଏହି ସଙ୍ଗେ ଆସିଛି ଜୀବନକୁ ଉପଭୋଗ କରିବା ନିମିତ୍ତ ଗୋଟାଏ

ଦୁର୍ବାର, ଅକଳ୍ପନୀୟ ପିପାସା । ଦେଖା ଦେଇଛି ସର୍ବତ୍ର ଗୋଟାଏ ପ୍ରଚଣ୍ଡ ଗତିଶୀଳତା (dynamism) ଏବଂ ସଚଳ ଭାବ । ଏହିସବୁ ଭାରତର ପ୍ରାଚୀନ ସଂସ୍କୃତି ଓ ପାରଲୌକିକ ପରମ୍ପରାକୁ ଗୋଟାଏ ତୀବ୍ର ଆଘାତ ଦେଇଛି, ତା'ର ସ୍ଥାଣୁତ୍ୱ ଓ ଅଚଳାୟତନକୁ ଭାଙ୍ଗି ଦେଇଛି, ଜୀବନକୁ ସାମର୍ଥ୍ୟଯୁକ୍ତ, ଦୃଢ଼, ସଚଳ, କର୍ମଠ ହେବାକୁ ଡାକ ଦେଇଛି । ଦାରିଦ୍ର୍ୟ, ନିଃସ୍ୱତା, ପଙ୍ଗୁତା, କ୍ଲୀବତ୍ୱ ପ୍ରତି ଉପହାସ କରିଛି । ଏକଦେଶଦର୍ଶୀ ଅଧ୍ୟାତ୍ମ-ସାଧନାକୁ ପାଶ୍ଚାତ୍ୟ ଦର୍ଶନ ଉଦରସ୍ଥ କରିବାକୁ ବସିଛି । ଏହି ସମ୍ବନ୍ଧରେ ଶ୍ରୀଅରବିନ୍ଦ ସ୍ୱୀୟ ଦିବ୍ୟ-ଦୃଷ୍ଟି ବଳରେ ଯେଉଁ ଅବସ୍ଥା ଆଜିକୁ ଚାଳିଶ ବର୍ଷ ତଳେ ଲକ୍ଷ୍ୟ କରିଥିଲେ ତାହା ଅତି ସ୍ପଷ୍ଟ ରୂପେ ବ୍ୟକ୍ତ କରିଅଛନ୍ତି ।

The first passion to imitate English ideas and culture has passed; but another more dangerous has recently taken its place, the passion to imitate Continental European culture at large and in particular the crude and vehement turn of revolutionary Russia. On the other hand, one sees a growing revival of ancient Hindu religion and the immense sweep of a spiritual awakening and its significant movements. And out of this ambiguous situation there can be only one out of two issues. Either India will be rationalised and industrialised out of all recognition and she will be no longer India or else she will be the leader in a new world-phase, aid by her example and cultural infiltration the new tendencies of the West and spiritualise the human race. That is the one radical and poignant question at issue. Will the spiritual motive which India



represents prevail on Europe and create there new forms congenial to the West, or will European rationalism and commercialism put an end for ever to the Indian type of culture ?

(SABCL, Vol. 14, The Foundation of Indian Culture, p.11)

ଏହାର ସାରମର୍ମ ଏହିପରି : ''ଇଂରାଜୀ ସଂସ୍କୃତି ଓ ଭାବଧାରାକୁ ଅନୁକରଣ କରିବାର ଯେଉଁ ସର୍ବପ୍ରଥମ ମନୋବୃତ୍ତି ଥିଲା ତାହା ଆଜି ଲୋପ ପାଇଛି, କିନ୍ତୁ ତାହା ସ୍ଥାନରେ ଆହୁରି ଏକ ଅଧିକ ବିପଜ୍ଜନକ ପ୍ରବୃତ୍ତି ଦେଖା ଦେଇଛି – ୟୁରୋପ ମହାଦେଶୀୟ ସଂସ୍କୃତିର ବିଶେଷ କରି ବିପ୍ଳବୀ ରୁଷ୍‌ର ଅତି ଅସଂସ୍କୃତ ଉଗ୍ର ଭାବଧାରାକୁ ଅନୁକରଣ କରିବାର ପ୍ରବୃତ୍ତି ଦେଖା ଦେଇଛି । ଅନ୍ୟ ପକ୍ଷରେ ଆମ୍ଭେମାନେ ପ୍ରାଚୀନ ହିନ୍ଦୁଧର୍ମର ଗୋଟାଏ ସମୃଦ୍ଧିସୂଚକ ପୁନରୁତ୍‌ଥାନ ଏବଂ ଗୋଟାଏ ବିଶାଳ, ସର୍ବବ୍ୟାପକ ଅଧ୍ୟାତ୍ମ-ଜାଗରଣ ଏବଂ ତାହାର ମହତ୍ତ୍ୱପୂର୍ଣ୍ଣ ଗତିଧାରା ଦେଖିପାରୁଛୁ । ଏହିପରି ଗୋଟାଏ ଗୋଳମାଳିଆ ପରିସ୍ଥିତିରେ ଦୁଇଟି ସମସ୍ୟା ମଧ୍ୟରୁ ଶେଷରେ ଗୋଟିଏହିଁ ରହିବ । ହୁଏତ ଭାରତବର୍ଷ ଶିଳ୍ପତନ୍ତ୍ର ଓ ବାଣିଜ୍ୟ ବ୍ୟାପାରରେ ସଂପୂର୍ଣ୍ଣରୂପେ ବୁଡି ଯିବ, ନିଶ୍ଚିହ୍ନ ହୋଇଯିବ, ନଚେତ୍ ସେ ନୂତନ ଜଗତର ନେତୃତ୍ୱ ନେବ, ପଥପ୍ରଦର୍ଶକ ହେବ । ତାହାର ଉଦାହରଣ ଓ ସାଂସ୍କୃତିକ ଅନୁପ୍ରବେଶ ଦ୍ୱାରା ପାଶ୍ଚାତ୍ୟ ଧାରାସକଳକୁ ସାହାଯ୍ୟ କରିବ ଏବଂ ମାନବସମାଜକୁ ଅଧ୍ୟାତ୍ମ-ଭାବ ଦ୍ୱାରା ରୂପାନ୍ତରିତ କରିପାରିବ । ତାହାହିଁ ହେଲା ବର୍ତ୍ତମାନର ଏକ ଚୂଡ଼ାନ୍ତ, ଆକୁଳ ପ୍ରଶ୍ନ ଓ ସମସ୍ୟା । କ'ଣ ଭାରତ ଯେଉଁ ଅଧ୍ୟାତ୍ମ-ବୃତ୍ତିର ପ୍ରତିନିଧିତ୍ୱ କରୁଛି ତାହା ୟୁରୋପ ଉପରେ ବିଜୟ ହାସଲ କରି ତଦ୍ଦ୍ୱାରା ପାଶ୍ଚାତ୍ୟ ଜୀବନର ଉପଯୋଗୀ ବିଭିନ୍ନ ରୂପ ଗଠନ କରିପାରିବ, ନା' ୟୁରୋପୀୟ ଶିଳ୍ପତନ୍ତ୍ର ଓ ବାଣିଜ୍ୟବାଦ ଭାରତୀୟ ସଂସ୍କୃତିକୁ ଚିରକାଳ ନିମିତ୍ତ ବିଲୁପ୍ତ କରିଦେବ ?''

ଏହାହିଁ ଭାରତର ଅନ୍ତର୍ଦ୍ୱନ୍ଦ୍ୱ ଓ ବର୍ତ୍ତମାନର ମୁଖ୍ୟ ସମସ୍ୟା । ଆମ ସରକାର ସମାଜବାଦ ଢାଞ୍ଚାରେ ଯେଉଁ ସମବାୟମୂଳକ ଗଣତାନ୍ତ୍ରିକ ରାଷ୍ଟ୍ରଗଠନ କରିବାକୁ ଚାହିଁଛନ୍ତି ତା'ର ଭିତ୍ତି ପୂର୍ଣ୍ଣରୂପେ ପାଶ୍ଚାତ୍ୟ, ତା'ର ପରମ୍ପରା ବି ପାଶ୍ଚାତ୍ୟର ଭୌତିକବାଦ । ଏହା ମାର୍କସ୍‌ଙ୍କ କଥିତ ସମାଜବାଦର ଗୋଟାଏ ସୂକ୍ଷ୍ମ ଅନୁଶୀଳନ । ପଞ୍ଚବାର୍ଷିକ ଯୋଜନା ଦ୍ୱାରା ଦେଶର ସାମୂହିକ ଉନ୍ନତି ନିମିତ୍ତ ଯେଉଁ ଶିଳ୍ପୀକରଣ ଓ ବାଣିଜ୍ୟ-ସଂଗଠନ ଚାଲିଛି ତାହା ବି ପୂରାପୂରି ପାଶ୍ଚାତ୍ୟାଭିମୁଖୀ । ସେଥିରେ ନା ଅଛି ଭାରତୀୟ ଜୀବନ-ଦର୍ଶନ ନା ଅଛି ଭାରତୀୟ ସଂସ୍କୃତିର ସଂସ୍ପର୍ଶ । ଯେଉଁ ଶିକ୍ଷା ଓ ଗଣତାନ୍ତ୍ରିକ ରାଷ୍ଟ୍ରୀୟ ନିର୍ବାଚନ ଓ ଲୋକସଭା, ରାଜ୍ୟସଭା ବା ବିଧାନସଭାର ବ୍ୟବସ୍ଥା ରହିଛି ତାହା ବି ସେହି ଏକହିଁ ମା'ର ସନ୍ତାନ । ଆମର ଜୀବନକୁ ଯାହା ଆଜି ପରିଚାଳିତ କରୁଛି ତାହା ଏକ ଅର୍ଥନୀତିକ ଲକ୍ଷ୍ୟ (Economic aim of life) । ତେବେ ଭାରତୀୟ ସଂସ୍କୃତି କ'ଣ ଲୋପ ପାଇଯିବ ? ନଚେତ୍ କି ଭାବରେ ଭାରତ ଏହାର ସମ୍ମୁଖୀନ ହେବ ? କି ଭାବରେ ଭାରତ ଏହାକୁ 'ଆତ୍ମସାତ୍' କରି ପାଶ୍ଚାତ୍ୟର ଓ ପ୍ରାଚ୍ୟର ଅଧ୍ୟାତ୍ମ-ରୂପାନ୍ତର ସାଧନ କରିବ ?

## ସମାଧାନ

ବର୍ତ୍ତମାନ ପରିସ୍ଥିତିରେ ଭାରତବର୍ଷ ତା'ର ଅତୀତର ପରମ୍ପରାକୁ, ସ୍ୱୀୟ ଆଧ୍ୟାତ୍ମିକ ଭାବଧାରା, ଦେବାଦିଷ୍ଟ ବିଧିନିୟତ ଗତିଧାରାକୁ ଅକ୍ଷତ ରଖି ପାଶ୍ଚାତ୍ୟର ବାହ୍ୟିକ ଭାବଧାରା ସହିତ ତାଳ ଦେଇପାରିବ କି ନାହିଁ ଏହାହିଁ ମୁଖ୍ୟ ପ୍ରଶ୍ନ । ଅନେକେ ଭାବୁଛନ୍ତି ଭାରତବର୍ଷକୁ ସଂପୂର୍ଣ୍ଣ ରୂପେ ପାଶ୍ଚାତ୍ୟ ଜଗତର ଶିଳ୍ପବାଦ, କର୍ମ-ଦକ୍ଷତା ଓ ବିଜ୍ଞାନକୁ ଗ୍ରହଣ କରି ଆଗେଇ ଯିବାକୁ ପଡ଼ିବ । କିନ୍ତୁ ଏହି ଶିଳ୍ପ ସଭ୍ୟତା ଓ ପାଶ୍ଚାତ୍ୟ ଚିନ୍ତାଧାରାର ଭାରତର ଅତୀତ ପରମ୍ପରା ସହିତ କିପରି ସାମଞ୍ଜସ୍ୟ ରକ୍ଷା କରାଯାଇ ପାରିବ ସେ ବିଷୟରେ ସେମାନେ ଚିନ୍ତା କରିବାକୁ ଇଚ୍ଛୁକ ନୁହନ୍ତି । ହୁଏତ ସେମାନେ ମନେ କରନ୍ତି ଭାରତୀୟ ସଂସ୍କୃତି ବା ଅତୀତ ଚିନ୍ତାଧାରା ବା ଭାରତୀୟ ଆଧ୍ୟାତ୍ମିକତା ଆଜି ମୃତ, ଅକାମୀ ଓ ଅତି ଦୁର୍ବଳ । ଏହି ସଂସ୍କୃତି ବା ବିଚାରଧାରାର ପୁନରୁଦ୍ଧାର ଏକାବେଳେକେ ଅସମ୍ଭବ । ଏମାନଙ୍କ ମତରେ ଭାରତୀୟ ସମାଜ ଓ ଜାତିର ଅଭ୍ୟୁତ୍ଥାନ ପାଶ୍ଚାତ୍ୟ ଭିତ୍ତିରେହିଁ ଗଢ଼ି ତୋଳିବାକୁ ହେବ । ଏହାଛଡ଼ା ଦ୍ୱିତୀୟ ରାସ୍ତା ନାହିଁ ।

ଏହା ଗୋଟିଏ ଗୁରୁତର ପ୍ରଶ୍ନ : କିପରି ଭାବରେ ଭାରତବର୍ଷ ବର୍ତ୍ତମାନ ସମସ୍ୟାର ଓ ପରିସ୍ଥିତିର ସମ୍ମୁଖୀନ ହେବ । ଯେଉଁମାନେ ଆଜି କେବଳ କର୍ମ-ତତ୍ପରତା, ଶିଳ୍ପ-ବାଣିଜ୍ୟ, ବିଜ୍ଞାନ ଓ ଯୁକ୍ତିବାଦ ଉପରେ ଦେଶର ପୁନର୍ଗଠନ ଚାହୁଁଛନ୍ତି ଏବଂ ଅତୀତକୁ, ଭାରତର ସ୍ୱକୀୟ ପ୍ରତିଭା, ମହିମା ଓ ସ୍ୱଧର୍ମକୁ ଭୁଲିଯିବାକୁ ଚାହୁଁଛନ୍ତି, ସେମାନଙ୍କ ଚିନ୍ତା ଯେ ନିତାନ୍ତ ଅଗଭୀର ଏବଂ ଏହା ଯେ ଜାତିର ପରମ ଅକଲ୍ୟାଣ ଓ ଅମଙ୍ଗଳର କାରଣ ହେବ ଏଥିରେ ସନ୍ଦେହ ନାହିଁ । ଜାତି ଗୋଟିଏ ଭୌଗୋଳିକ ଭୂଖଣ୍ଡ ନୁହେଁ, ବା ଏକ ଭାଷାଭାଷୀ ଗୋଷ୍ଠୀବଦ୍ଧ ଜୀବନ ନୁହେଁ । 'ଜାତୀୟ ଆତ୍ମା' ବା ଜାତିର ଅନ୍ତର୍ନିହିତ ଶକ୍ତି

ବୋଲି କିଛି ବିଶେଷ ବସ୍ତୁ ରହିଛି, ଯାହାଦ୍ୱାରାହିଁ ଜାତି ବଞ୍ଚିରହେ । ପ୍ରତ୍ୟେକ ଜାତିର ଗୋଟିଏ (Self-regulative Principle), ବା ଆତ୍ମ-ନିୟନ୍ତ୍ରଣକାରୀ ଶକ୍ତି ଅଛି । ତାହାକୁ ଅବଜ୍ଞା କଲେ, ବା ଜାତି ସ୍ୱୀୟ ଆତ୍ମାର ପଥକୁ ବରଣ ନ କଲେ ତା'ର ମୃତ୍ୟୁ ଘଟେ । ଏପରି ଅତୀତରେ ବହୁ ବଡ଼ ବଡ଼ ଜାତିଙ୍କର ମୃତ୍ୟୁ ଘଟିଛି,– ଗ୍ରୀସ୍, ରୋମ୍, ବାବିଲୋନ୍, ଇଜିପ୍ଟ୍ ବା ଚୀନ୍ । ଭାରତ ଜାତି ହିସାବରେ ବଞ୍ଚି ରହିଛି କେବଳ ଏହି ଆନ୍ତର, ଆତ୍ମିକ, ଐଶ୍ୱରିକ ଶକ୍ତି ବଳରେ । ସୁତରାଂ ଭାରତର ଜାତୀୟତା ଏକ ଅଧ୍ୟାତ୍ମ-ବସ୍ତୁ, ଭାରତର ଜାତୀୟତାର ଅର୍ଥ ଏକ ଅଧ୍ୟାତ୍ମ-ସିଦ୍ଧି ଏବଂ ଭାରତୀୟ ଜାତୀୟ ଅଭ୍ୟୁତ୍‌ଥାନର ଅର୍ଥ ଏକ ନୂତନ ଅଧ୍ୟାତ୍ମ-ସତ୍ୟର ପ୍ରଚାର । ସୁତରାଂ ଯେଉଁମାନେ ଭାରତକୁ ପାଶ୍ଚାତ୍ୟ ଶିଳ୍ପତନ୍ତ୍ର ଓ ବିଜ୍ଞାନ ପାଖରେ ସଂପୂର୍ଣ୍ଣ ରୂପେ ବିକ୍ରି କରିଦେବାକୁ ଚାହାନ୍ତି, ସେମାନଙ୍କୁ ଗୀତାର ଏହି ବାଣୀ ସ୍ମରଣ ରଖିବାକୁ ପଡ଼ିବ ''ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମୋ ଭୟାବହଃ'' । ନିଜ ଧର୍ମରେ ଧ୍ୱଂସହେବା ବରଂ ଶ୍ରେୟସ୍କର କିନ୍ତୁ ପରର ଧର୍ମ ଗ୍ରହଣ କରିବା ଅସମ୍ଭବ ।

ତେବେ ଭାରତବର୍ଷକୁ କେଉଁ ପଥ ଗ୍ରହଣ କରିବାକୁ ପଡ଼ିବ ? ପକ୍ଷାନ୍ତରରେ ଯେଉଁ ଅଧ୍ୟାତ୍ମବାଦୀମାନେ ଭାରତକୁ ତା'ର ସନାତନ ସଂସ୍କୃତିର ପୁନରୁତ୍‌ଥାନ ଓ ପୁନର୍ଜାଗରଣ ନିମିତ୍ତ ଆହ୍ୱାନ କରୁଛନ୍ତି ସେମାନେ ମଧ୍ୟ ସମସ୍ୟାର ସମାଧାନ କରିପାରି ନାହାନ୍ତି । ସେମାନେ ଚାହିଁଛନ୍ତି ଯେ ଭାରତ ତା'ର ସ୍ୱୀୟ ତପୋବଳ, ଅଧ୍ୟାତ୍ମ-ଶକ୍ତି ଓ ଆନ୍ତର ପ୍ରତିଷ୍ଠା ଦ୍ୱାରା ନିଜର ଶାସନ ବିଭାଗ ରାଜନୀତି, ଦର୍ଶନ, ସାହିତ୍ୟ, କଳା ଓ ଶିଳ୍ପ-ବାଣିଜ୍ୟର ଅନୁଷ୍ଠାନ ଗଢ଼ିତୋଳିବ; କିନ୍ତୁ ଏହା କେବଳ ଆଦର୍ଶ ହୋଇ ରହିଛି । ଯେତେବେଳେ ପାଶ୍ଚାତ୍ୟ ଭାବଧାରା ଆସି ଆମ ଦ୍ୱାରରେ ଧକ୍କା ଦେଇ ଆମକୁ ଗ୍ରାସ କରିବାକୁ ବସିଛି ସେତେବେଳେ ଅତୀତର ଆଦର୍ଶର ବ୍ୟାଖ୍ୟା କରିବା ବା ତାହାର ଆନ୍ତର ଭାବକୁ ଭାବାବେଗବଶତଃ ଧରି ରହିଲେ କିଛି ଲାଭ ହେବ ନାହିଁ । ଏପରିକି ଏହି ମତବାଦୀମାନେ ନିଜସ୍ୱ ଭାବଧାରା ଉପରେ ଏତେ ଜୋର ଦିଅନ୍ତି ଯେ



ଯେକୌଣସି ପ୍ରକାର 'ମିଶ୍ରଣ' ଅର୍ଥାତ୍ ଭାରତବର୍ଷ ଯେ ପାଶ୍ଚାତ୍ୟ ସଭ୍ୟତାର ଭଲ ଦିଗ ଗ୍ରହଣ କରିପାରେ ଏବଂ ଖରାପ ଦିଗ ବର୍ଜନ କରିପାରେ – ଏକଥାରେ ମଧ୍ୟ ବିଶ୍ୱାସ କରିପାରୁ ନାହାନ୍ତି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ସମ୍ମିଳନରେ ଯେଉଁ ବିକୃତ, ମିଶ୍ରିତ ଦ୍ୱିଜାତୀୟ ବର୍ଣ୍ଣସଙ୍କର ସଂସ୍କୃତି ଜାତ ହେବ ତାହା ବିରୋଧରେ ସେମାନେ ଖଡ଼୍‌ଗହସ୍ତ । ଏହିମାନଙ୍କ ମତରେ :

"...we have been for a long time so imitating the West, trying to become like it or partly like it and have fortunately failed, for that would have meant creating a bastard or twy-natured culture; but twy-natured, as Tennyson makes his Lucretious say, is no-natured and bastard culture is no sound, truth-living culture. An entire return upon ourselves is our only way of salvation."

(ibid, p. 386)

ଅର୍ଥାତ୍, ''... ଅନେକ ଦିନଧରି ଆମ୍ଭେମାନେ ପାଶ୍ଚାତ୍ୟ ଜଗତକୁ ଅନୁକରଣ କରୁଅଛୁ, ସେହିପରି ହେବାକୁ ଚେଷ୍ଟା କରୁଛୁ, ମାତ୍ର ସୁଖର କଥା ଏଥିରେ ଆମ୍ଭେମାନେ ଅସଫଳ ହୋଇଛୁ । ଏଥିରେ ସଫଳ ହୋଇଥିଲେ ପରିଣାମରେ ଗୋଟାଏ ବର୍ଣ୍ଣ-ସଙ୍କର ସଂସ୍କୃତି, କିଂବା ଦ୍ୱୈତ-ପ୍ରକୃତି ବିଶିଷ୍ଟ ସଂସ୍କୃତି ସୃଷ୍ଟି ହୋଇଥା'ନ୍ତା କିନ୍ତୁ ଦ୍ୱୈତ-ପ୍ରକୃତି-ବିଶିଷ୍ଟ ସଂସ୍କୃତି (ଇଂରେଜୀ କବି ଟେନିସନ୍ ଯେପରି ଲୁକ୍ରିଟିସ୍‌ଙ୍କ ମୁଖରେ କହିଛନ୍ତି) କୌଣସି ସଂସ୍କୃତି ନୁହେଁ, ଆଉ ବର୍ଣ୍ଣ-ସଙ୍କର ସଂସ୍କୃତି, କୌଣସି ଦୃଢ଼, ସତ୍ୟ-ଚାଳିତ ଜୀବନ୍ତ ସଂସ୍କୃତି ନୁହେଁ ! ସୁତରାଂ ସର୍ବତୋଭାବେ ଆମ୍ଭେମାନେ ଆମ୍ଭ ନିଜ ମଧ୍ୟକୁ ଫେରି ଆସିବାହିଁ ଏକମାତ୍ର ମୁକ୍ତିର ଉପାୟ ।'' ଏହା ନିଃସନ୍ଦେହ ଯେ ଆମ୍ଭେମାନେ ପାଶ୍ଚାତ୍ୟ ସଭ୍ୟତାର ମୋହରେ ଯେପରି ପଡ଼ିଥିଲୁ ସେଥିରେ ସଂପୂର୍ଣ୍ଣ ରୂପେ ନଷ୍ଟଭ୍ରଷ୍ଟ ହୋଇଯାଇ ଥାଆନ୍ତୁ । ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ

ଅତି ଗଭୀର ଭାବେ ଓ ସ୍ୱଷ୍ଟରୂପେ ଭାରତୀୟ ସଂସ୍କୃତିର ଆଧାର (Foundations of Indian Culture) ନାମକ ପୁସ୍ତକର ଶେଷ ଅଧ୍ୟାୟରେ ଆଲୋଚନା କରିଛନ୍ତି । ଶ୍ରୀଅରବିନ୍ଦ କହୁଅଛନ୍ତି :

"That attempt in the last century which still in some direction continues,– to imitate European civilization and to make ourselves a sort of brown Englishmen, to throw our ancient culture into the dust-bin and put on the livery or the uniform of the West was a mistaken and illegitimate endeavour, I heartily agree. At the same time a certain amount of imitation, a great amount even, was, one might almost say, a biological necessity, at any rate a psychological necessity of the situation."

(ibid, pp. 386-87)

ଅର୍ଥାତ୍, ''ଗତ ଶତାବ୍ଦୀରେ ଏପରିକି ଏହି ଶତାବ୍ଦୀରେ ଆମ୍ଭେମାନେ କେତେକ ଦିଗରେ ୟୁରୋପୀୟ ସଭ୍ୟତାର ଅନୁସରଣ କରି ''କଳା ସାହେବ'' ହେବାକୁ ଏବଂ ଭାରତର ଅତୀତ ସଂସ୍କୃତିକୁ ଖତଗଦାରେ ଫୋପାଡ଼ି ଦେବାକୁ ଚେଷ୍ଟା କରିଥିଲୁ ଏବଂ ପାଶ୍ଚାତ୍ୟ ମୁଖା ପିନ୍ଧିବାକୁ ଚାହିଁଥିଲୁ ମାତ୍ର ମୁଁ ଭଲଭାବରେ ସ୍ୱୀକାର କରୁଛି ଯେ ଏହା ଗୋଟାଏ ଭ୍ରମାତ୍ମକ ଓ ଅଯଥାର୍ଥ ଉଦ୍ୟମ ଥିଲା; କିନ୍ତୁ ସେହି ସଙ୍ଗେ ସଙ୍ଗେ ଏକଥା ମନେ ରଖିବାକୁ ହେବ ଯେ କିଛି ଅନୁକରଣ ଏପରିକି ବହୁତ କିଛି ଅନୁକରଣ, ଜଣେ କରିପାରେ ଯେ ଜୀବନ-ଧାରଣ ନିମିତ୍ତ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ତାହା ଅତ୍ୟାବଶ୍ୟକ ହୋଇ ପଡ଼ିଥିଲା ।''

ଏହା କହିବାର ପ୍ରଧାନ ଉଦ୍ଦେଶ୍ୟ ଏହି ଯେ ପାଶ୍ଚାତ୍ୟର କୌଣସି ରୀତିନୀତି ବା ଶିଳ୍ପ-ବାଣିଜ୍ୟ ଇତ୍ୟାଦି ଅନୁକରଣ କରିବା ବଡ଼ କଥା ନୁହେଁ, ମାତ୍ର ଆମ୍ଭେମାନେ ତାହା କିପରି ଗ୍ରହଣ କରୁଛୁ, ତାହାହିଁ ପ୍ରଧାନ କଥା ।

## ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମୀକରଣ

True sipirituality is not to renounce life, but to make life perfect with a Divine Perfection.

This is what India must show to the world now.

(M.C.W. Vol. 13, p. 365) – The Mother

26. 1. 1963

ଯଥାର୍ଥ ଆଧ୍ୟାତ୍ମିକତାର ଅର୍ଥ ଜୀବନକୁ ବର୍ଜନ କରିବା ନୁହେଁ ବରଂ ଦିବ୍ୟ-ପୂର୍ଣ୍ଣତା ଦ୍ୱାରା ଜୀବନକୁ ପରିପୂର୍ଣ୍ଣ କରି ଗଢ଼ି ତୋଳିବା ।

ବର୍ତ୍ତମାନ, ଏହାହିଁ ଭାରତବର୍ଷ ସମଗ୍ର ପୃଥିବୀକୁ ଦେଖାଇଦେବା ଉଚିତ ।

୨୬. ୧. ୧୯୬୩ – ଶ୍ରୀମା

ପୂର୍ବ ଆଲୋଚନାଗୁଡ଼ିକରୁ ଜଣା ପଡ଼ିଛି ଯେ ଭାରତର ଏକ ନିଜସ୍ୱ ପ୍ରତିଭା, ନିୟନ୍ତ୍ରଣକାରିଣୀ ନିଜସ୍ୱ ଶକ୍ତି ସାମର୍ଥ୍ୟ ରହିଛି । ଭାରତୀୟ ସଭ୍ୟତା, ସଂସ୍କୃତି ଏବଂ ତା'ର ବିଭିନ୍ନ ପ୍ରକାର ଗତିଧାରା ମଧ୍ୟରେ ଗୋଟିଏ ଆଧ୍ୟାତ୍ମିକ ଶକ୍ତିର ଜୀବନ୍ତ କ୍ରିୟା ରହିଛି । ଭାରତବର୍ଷକୁ ଯଦି ବଞ୍ଚି ରହିବାକୁ ହୁଏ ତେବେ ତାକୁ ଏହି ଶକ୍ତି ସମ୍ବନ୍ଧରେ ସଚେତନ ହେବାକୁ ହେବ ଏବଂ ଆଧୁନିକ ଯୁଗରେ ଏକ ବୃହତ୍ତର ଓ ବିଶାଳତର ସଂସ୍କୃତି ଗଢ଼ି ତୋଳିବାକୁ ହେବ ।

ବର୍ତ୍ତମାନ ଭାରତ ଉପରେ ଯେଉଁ ବାହ୍ୟ ପ୍ରଭାବ ପଡ଼ିଛି ତାହା ମୂଳତଃ ହେଲା ପାଶ୍ଚାତ୍ୟ ବା ଇଉରୋପୀୟ । ପାଶ୍ଚାତ୍ୟ ସଂସ୍କୃତିର ମୂଳବସ୍ତୁ ହେଲା ଜୀବନବାଦ, କର୍ମବାଦ, ଯୁକ୍ତିବାଦ, ଯନ୍ତ୍ରବାଦ ଏବଂ ବିଜ୍ଞାନବାଦ । ଏହି ପୃଥିବୀ ଏବଂ ଜୀବନହିଁ ଭୋଗ ଓ ବିଜୟର କ୍ଷେତ୍ର । ଯୁକ୍ତି ଓ କର୍ମ ହେଲା ଏହାର

ଚାବିକାଠି । ଭାରତୀୟ ସଂସ୍କୃତିର ମୂଳଧାରା ହେଲା ଅଧ୍ୟାତ୍ମବାଦ,– ଆତ୍ମାର ଆଲୋକ, ଦିବ୍ୟ-ଜ୍ଞାନ, ଆନନ୍ଦ, ମୁକ୍ତି, ନିର୍ବାଣ ଇତ୍ୟାଦି । ଭାରତର ପାରମ୍ପରିକ ଅଧ୍ୟାତ୍ମ-ସାଧନା ମଧ୍ୟରେ ସଂସାର, ଜୀବନ ଓ କର୍ମ, ପ୍ରଧାନ ବା ଯଥାର୍ଥ ସ୍ଥାନ ପାଇ ପାରି ନାହିଁ । ଏଥିପାଇଁ ଆଧୁନିକ ଭାରତୀୟ ବିଚାରଧାରାରେ ଗୋଟାଏ ଅନ୍ତର୍ଦ୍ୱନ୍ଦ୍ୱ ଦେଖା ଦେଇଛି । ସେ କଥା ଆମ୍ଭେମାନେ ପୂର୍ବରୁ ଉଲ୍ଲେଖ କରିଛୁ । ଭାରତ ପାଶ୍ଚାତ୍ୟର କର୍ମବାଦ, ଯୁକ୍ତି, ବୁଦ୍ଧି ବିଜ୍ଞାନକୁ ଛାଡ଼ି ପାରିବ ନାହିଁ, କାରଣ ଏହିପରି ବିକାଶ ଓ ଅଭ୍ୟୁତ୍‌ଥାନ କେବଳ ଯେ ପାଶ୍ଚାତ୍ୟ ବା ଇଉରୋପୀୟ ତାହା ନୁହେଁ, ବରଂ ଏହାହିଁ ମାନବଜାତିର ଅଗ୍ରଗତିର ଗୋଟାଏ ପାବଚ୍ଛ, ଏକ ଏକ ଉନ୍ନତଶୀଳ ଗତିଧାରା । ଏବଂ ଭାରତବର୍ଷ କେବଳ ଏହି ଆଦର୍ଶ ଏବଂ ଭାବଧାରାକୁ ଗ୍ରହଣ କରି ନିଜସ୍ୱ ହରାଇ ବସିଲେ ସର୍ବନାଶ ଘଟିବ । ଏହିପରି ଦେଖିବାକୁ ଗଲେ ବୁଝାଯିବ ଯେ ପାଶ୍ଚାତ୍ୟର ଚିନ୍ତାଧାରା ଓ ବିଭିନ୍ନ ପ୍ରଭାବ ଭାରତୀୟ ସଂସ୍କୃତି ଓ ବିଚାର ଉପରେ ଗୋଟାଏ ଗୁରୁତର ଆଘାତ ଦେଇଛି । ଯେତେବେଳେ ଭାରତବର୍ଷ ହୋଇପଡ଼ିଥିଲା ସ୍ଥାଣୁ, ପଙ୍ଗୁ, ମୁମୂର୍ଷୁ ସେହି ସମୟରେ ପାଶ୍ଚାତ୍ୟର ସଂସ୍ପର୍ଶ ତାକୁ ପୁନର୍ବାର ଜୀବନ୍ତ, ପ୍ରାଣବନ୍ତ କରି ଗଢ଼ି ତୋଳିଛି । କିନ୍ତୁ ଏହା ଏକ ଘୋର ପରିବର୍ତ୍ତନର ସମୟ । ଯେତେବେଳେ କୌଣସି ବଳଶାଳୀ ଜୀବନ୍ତ ସଂସ୍କୃତି ବା ସଭ୍ୟତା ଅନ୍ୟ ଏକ ସ୍ଥାଣୁ ବା ନିର୍ଜୀବ ସଭ୍ୟତା ଉପରେ ଆଘାତ କରେ, ସେତେବେଳେ ହୁଏତ ଶେଷୋକ୍ତ ସଭ୍ୟତା ନିଜ ଭିତରୁ ଜାଗରଣ ଦ୍ୱାରା ବାହ୍ୟ ପ୍ରଭାବକୁ ନିଜର କରିପାରେ, ନଚେତ୍ ପ୍ରଥମୋକ୍ତ ସଭ୍ୟତାର କବଳରେ କବଳିତ ହୋଇପଡ଼େ । ଏହିପରି ଅତୀତରେ ବହୁ ସଭ୍ୟତା ଲୁପ୍ତ ହୋଇଯାଇଛି ।

କେହି କେହି କହନ୍ତି ପାଶ୍ଚାତ୍ୟର ପ୍ରଭାବ ଆମ୍ଭମାନଙ୍କୁ ସଂପୂର୍ଣ୍ଣ ରୂପେ ବର୍ଜନ କରିବାକୁ ହେବ ଏବଂ ଆମ୍ଭଙ୍କୁ ନିଜ ମଧ୍ୟକୁ ଫେରିଯାଇ ଆମ୍ଭର ଜୀବନ ଓ ଗତିଧାରାକୁ ନିୟନ୍ତ୍ରଣ କରିବାକୁ ହେବ । ଭାରତବର୍ଷ ପାଶ୍ଚାତ୍ୟରୁ ଯେଉଁସବୁ ବସ୍ତୁ ଗ୍ରହଣ କରିଛି, ତାହା ଆଉ ବର୍ଜନ କରିବା ସମ୍ଭବପର ନୁହେଁ, ଆବଶ୍ୟକ



ବି ନୁହେଁ । ପାଶ୍ଚାତ୍ୟର ବିଭିନ୍ନ ପ୍ରଭାବ ମଧ୍ୟରୁ ଯେଉଁ କେତେକ ପ୍ରଭାବ ବା ଆଦର୍ଶ ଆଧୁନିକ ଭାରତୀୟ ବିଚାରଧାରା, ସଂସ୍କୃତି, କଳାଶିଳ୍ପକୁ ବିଶେଷ ଭାବେ ପ୍ରଭାବିତ କରିଛି ତା'ର ସାମାନ୍ୟ ସୂଚନା ଏଠାରେ ଦିଆଯାଉ :

ସାହିତ୍ୟ କ୍ଷେତ୍ରରେ : କ୍ଷୁଦ୍ର-ଗଳ୍ପ, ଉପନ୍ୟାସ, ସମାଲୋଚନାମୂଳକ ପ୍ରବନ୍ଧ ଇତ୍ୟାଦି ।

ବିଜ୍ଞାନ କ୍ଷେତ୍ରରେ : ବିଭିନ୍ନ ଉଦ୍‌ଭାବନ, ଆବିଷ୍କାର, ବୈଜ୍ଞାନିକ ପଦ୍ଧତି, ବିଚାର, ଯୁକ୍ତିତର୍କ, ଗବେଷଣା, ସମୀକ୍ଷା ଓ ବୈଜ୍ଞାନିକ ଶିଳ୍ପବାଦ, ଯନ୍ତ୍ରବାଦ, କଳକାରଖାନା... ଇତ୍ୟାଦି ।

ରାଜନୀତି କ୍ଷେତ୍ରରେ : ରାଷ୍ଟ୍ରନୈତିକ ସ୍ୱାଧୀନତା, ଭ୍ରାତୃତ୍ୱ, ସମତାର ବାଣୀ, ଅନ୍ତର୍ଜାତିକତା, ଗଣତନ୍ତ୍ର, ପାର୍ଲିଆମେଣ୍ଟରୀ ଶାସନ-ବ୍ୟବସ୍ଥା, ରାଷ୍ଟ୍ରୀୟ ସଂଗଠନ; ପ୍ରେସ୍, ପ୍ଲାଟଫର୍ମ, ଗଣ-ଆନ୍ଦୋଳନ, ବ୍ୟାପକ ପ୍ରଚାର ଓ ସାମ୍ପ୍ରଦାୟିକତା, ସମବାୟ ଜୀବନ ଓ ସମାଜବାଦ... ଇତ୍ୟାଦି ।

ଆମ୍ଭମାନଙ୍କ ଜୀବନଧାରା ସଙ୍ଗେ ଏହି ସବୁ ବସ୍ତୁ ଏପରି ଭାବରେ ଆଜି ଜଡ଼ିତ ହୋଇଛି ଯେ ଏଗୁଡ଼ିକୁ ବର୍ଜନ କରିବା ଆଉ ସମ୍ଭବ ନୁହେଁ । କେବଳ ତାହା ନୁହେଁ, ସାମାଜିକ ଜୀବନରେ ମଧ୍ୟ ବିଧବା-ବିବାହ, ହିନ୍ଦୁକୋଡ୍ ବିଲ୍; ଏପରିକି ବିଭିନ୍ନ ମୂଲ୍ୟବୋଧ (values), ନୈତିକତା ଓ ଆଚାର-ପଦ୍ଧତି, ବସ୍ତ୍ରପରିଧାନ, ଆଦବ୍‌କାୟଦା, ପାନ, ଭୋଜନ ଇତ୍ୟାଦିରେ ପାଶ୍ଚାତ୍ୟର ପ୍ରଭାବ ଖୁବ୍ ଦେଖା ଦେଇଛି । କେହି କେହି ରକ୍ଷଣ-ପନ୍ଥୀ ବିଚାର କରନ୍ତି ଏସବୁ ଦ୍ୱାରା ଆମ୍ଭର ଧର୍ମ, ଜାତି, ସଂସ୍କୃତି ଓ ବିଚାରଧାରା ନଷ୍ଟ ହୋଇଗଲା । ଏଗୁଡ଼ିକ ବିଜାତୀୟ, ବିଦେଶୀ ବସ୍ତୁ ଏବଂ ଏସବୁକୁ ବର୍ଜନ କରିବାକୁ ହେବ । ଆଉ କେହି କେହି କହନ୍ତି, ଏସବୁ ମଧ୍ୟରେ ଯାହା ଉତ୍ତମ ବସ୍ତୁ ତାହାକୁ ରଖିବାକୁ ହେବ ଏବଂ ବାକୀ ଖରାପ ଓ ଅହିତକର ବସ୍ତୁକୁ ଛାଡ଼ି ଦେବାକୁ ହେବ । କିନ୍ତୁ ଏହା କେବେ ବି ସମ୍ଭବ ହୁଏ ନାହିଁ । କୌଣସି ବସ୍ତୁକୁ ଗ୍ରହଣ କରିବାକୁ ହେଲେ ତାହାର ଉଭୟ ଦିଗକୁ ଗ୍ରହଣ କରିବାକୁ ହୁଏ । ବସ୍ତୁ ଓ ଘଟଣା ଏକ ଅବିଭାଜ୍ୟ

ସତ୍ତା, ତାହାକୁ ସ୍ୱୀକାର କଲେ ପୂର୍ଣ୍ଣରୂପେ ସ୍ୱୀକାର କରିବାକୁ ହୁଏ । ଉଦାହରଣ ସ୍ୱରୂପ ବର୍ତ୍ତମାନ ଭାରତ ଶିଳ୍ପ-ବାଣିଜ୍ୟ ଓ ଗୁରୁ-କଳକାରଖାନା ଓ ପ୍ରତିଷ୍ଠାନମାନ ଗଢ଼ି ତୋଳୁଛି । ଏହି ଗୁରୁ-ଶିଳ୍ପ, ବାଣିଜ୍ୟ ଓ ଯାନ୍ତ୍ରିକ ସଂବୃଦ୍ଧିର ଯାହା ଆନୁଷଙ୍ଗିକ ଅମଙ୍ଗଳ ତାହା ନିଶ୍ଚୟହିଁ ଆମ୍ଭମାନଙ୍କ ଜୀବନକୁ ପ୍ରଭାବିତ କରିବ । ଶ୍ରୀଅରବିନ୍ଦ ଏ ସମ୍ବନ୍ଧରେ ଆଲୋଚନା କରି କହୁଛନ୍ତି :

"If we take over for instance that terrible, monstrous and compelling thing, that giant Asuric creation, European industrialism – unfortunately we are being forced by circumstances to do it,– whether we take it in its form or principle, we may under more favourable conditions develop by it our wealth and economic resources, but assuredly we shall get too its social discords and moral plagues and cruel problems, and I do not see how we shall avoid becoming the slaves of the economic aim in life and losing the spiritual principle of our culture."

(S.A.B.C.L., Vol. 14, The Foundations of Indian Culture, p. 388)

ଏହାର ସାରମର୍ମ ଏହି ଯେ ଆମ୍ଭେମାନେ ଯଦି ପାଶ୍ଚାତ୍ୟର ସେହି ବିରାଟ ଆସୁରିକ ଶିଳ୍ପବାଦକୁ ଗ୍ରହଣ କରୁ – ଦୁର୍ଭାଗ୍ୟବଶତଃ ଘଟଣାଚକ୍ରରେ ଆଜି ଯାହା ଗ୍ରହଣ କରିବାକୁ ବାଧ ହୋଇଛୁ – ତେବେ ତଜ୍ଜନିତ ସକଳ ପ୍ରକାର ନୈତିକ ଅବନତି, ବିକ୍ଷୋଭ ଏବଂ ଅତି ନିଷ୍ଠୁର ସମସ୍ୟାମାନ ଦେଖାଦେବ ଏବଂ ଆମ୍ଭେମାନେ ଆମର ସଂସ୍କୃତିର ଆଧ୍ୟାତ୍ମିକ ନିୟମନକୁ ହରାଇ ବସିବୁ ଏବଂ ଜୀବନର ଲକ୍ଷ୍ୟ ଯେ ଆର୍ଥନୀତିକ ଏବଂ ଭୌତିକ ଏହାହିଁ ସ୍ୱୀକାର କରିବୁ ।



ତେବେ ଗୋଟିଏ କଥା ମନେ ରଖିବାକୁ ହେବ ଯେ କୌଣସି ବସ୍ତୁ ଗ୍ରହଣ କରିବା ସମୟରେ ତାହା ପାଶ୍ଚାତ୍ୟ କିଂବା ପ୍ରାଚ୍ୟ ବିଚାର ନ କରି ତାହା ମାନବାତ୍ମାର କଲ୍ୟାଣ ନିମିତ୍ତ କେତେଦୂର ଉଦ୍ଦିଷ୍ଟ ଏହି ଗଭୀର ଦୃଷ୍ଟି ସହ ବିଚାର କରିବାକୁ ହେବ । ଶ୍ରୀଅରବିନ୍ଦ ଏହି ବିଷୟକ ପ୍ରଭାବକୁ ବାହ୍ୟିକ ହେଲେ ମଧ୍ୟ ପୂର୍ଣ୍ଣ ରୂପେ ଗ୍ରହଣ କରିଅଛନ୍ତି ଏବଂ କହୁଛନ୍ତି :

"If I accept any of these ideas it is not because they are modern or European, which is in itself no recommendation, but because they are human, because they present fruitful viewpoints to the spirit, because they are things of the greatest importance in the future development of the life of man." (ibid, p. 389)

ଅର୍ଥାତ୍, ''ଯଦି ମୁଁ ଉପରୋକ୍ତ ଆଦର୍ଶ ମଧ୍ୟରୁ କିଛି ଗ୍ରହଣ କରୁଛି ତାହାର କାରଣ ଯେ ଏହା ଆଧୁନିକ ବା ୟୁରୋପୀୟ, ଏପରି ଭାବନାର କୌଣସି ମୂଲ୍ୟ ନାହିଁ, ବରଂ ମୁଁ ସେଗୁଡ଼ିକ ଗ୍ରହଣ କରୁଛି କାରଣ ତାହା ମାନବିକ, କାରଣ ତାହା ଆତ୍ମସାର୍ଥକତାର ଦୃଷ୍ଟିକୋଣ ଉପସ୍ଥାପନ କରନ୍ତି, କାରଣ ମାନବ ଜୀବନର ଭବିଷ୍ୟତ ନିର୍ମାଣପଥରେ ସେଗୁଡ଼ିକ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ।''

ଏପରିକି ଗଣତନ୍ତ୍ରର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ଶ୍ରୀଅରବିନ୍ଦ ଯେଉଁ ଘୋଷଣା କରିଛନ୍ତି ତାହା ଖୁବ୍ ପ୍ରଣିଧାନର ବିଷୟ :

"What I mean by acceptance of the effective idea of democracy,– the thing itself, never fully worked out, was present as an element in ancient India as in ancient European polity and society,– is that I find its inclusion in our future way of living, in some shape, to be a necessity of our growth. What I mean by assimilation, is that we

must not take it crudely in the European forms, but must go back to whatever corresponds to it, illumines its sense, justifies its highest purport in our own spiritual conception of life and existence, and in that light work out its extent, degree, form, relation to other ideas, application."

(ibid, p. 389)

(ମର୍ମାନୁବାଦ), ''ଗଣତନ୍ତ୍ରକୁ ମୁଁ ଫଳପ୍ରସୂ ଆଦର୍ଶ ରୂପେ ଗ୍ରହଣ କରିବାର ଅର୍ଥ ହେଲା, ଗଣତନ୍ତ୍ରର ପରିପୂର୍ଣ୍ଣ ବିକାଶ କେବେ ବି କାର୍ଯ୍ୟକାରୀ ହୋଇ ନାହିଁ । ଅତୀତରେ ଭାରତୀୟ ଓ ୟୁରୋପୀୟ ରାଜତନ୍ତ୍ର ଓ ସମାଜ-ବ୍ୟବସ୍ଥାରେ ଏହା ଥିଲା । ଆମ୍ଭମାନଙ୍କ ଭବିଷ୍ୟତ ଜୀବନଚର୍ଯ୍ୟାରେ ମଧ୍ୟ ଏହାର ଆବଶ୍ୟକତା ଓ ବିଶିଷ୍ଟ ସ୍ଥାନ ରହିଛି । ଏହାକୁ ନିଜସ୍ୱ କରି ନେବାର ଅର୍ଥ ଏହି ଯେ ଏହି ବ୍ୟବସ୍ଥା ବା ପରମ୍ପରାକୁ ଆମ୍ଭେମାନେ କଞ୍ଚା ୟୁରୋପୀୟ ରୂପରେ ଗ୍ରହଣ ନ କରିବା ଉଚିତ । ବରଂ ଆମ୍ଭେମାନେ ଆମ୍ଭର ଅତୀତକୁ ଫେରିଯିବା, ଏବଂ ଆମ୍ଭ ଜୀବନ ଓ ସତ୍ତାର ଯେଉଁ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ ବା ବିଚାରଧାରା ଅଛି ସେ ଦୃଷ୍ଟି ସହିତ ଗଣତନ୍ତ୍ରକୁ ମେଳଖୁଆଇବା, ତାକୁ ଜ୍ୟୋତିର୍ମୟ କରିବା, ନ୍ୟାୟସଙ୍ଗତ କରି ଗଢ଼ିବା ଏବଂ ଏହି ଆଧ୍ୟାତ୍ମ-ଦୃଷ୍ଟିରେ ତାହାର ବ୍ୟାପକତା, ପ୍ରସାର, ସ୍ୱରୂପ ଓ ଅନ୍ୟାନ୍ୟ ବସ୍ତୁ ସହିତ ସମ୍ପର୍କ ନିର୍ଣ୍ଣୟ କରିବା ।''

ସୁତରାଂ କୌଣସି ବସ୍ତୁ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ପ୍ରସୂତ ବୋଲି ତାକୁ ଯେ ବର୍ଜନ କରିବାକୁ ହେବ ଏହାର କୌଣସି ବିଶେଷ ଅର୍ଥ ନାହିଁ ବା ଏପରି ଯୁକ୍ତି ଆଦୌ ଯଥାର୍ଥ ନୁହେଁ । ପ୍ରତ୍ୟେକ ବାହ୍ୟ ଆଘାତ, ସଂଘର୍ଷ ଓ ପ୍ରଭାବ ଏକ ନୂତନ ସମୃଦ୍ଧି, ବିକାଶ ଓ ବିଭବ ଅର୍ଜନ କରିବାରେ ସହାୟକ ହୋଇପାରେ ଯଦି ଏହି ପ୍ରଭାବ ଓ ଆଘାତକୁ ଆମ୍ଭେମାନେ ଆମ୍ଭର ନିଜର କରିନେଇ ପାରୁ ।

ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଯେପରି ଜାତି ମଧ୍ୟରେ ବି ସେହିପରି ବିକାଶ



ବା ଅଭ୍ୟୁତ୍‌ଥାନର ଦୁଇଟି ଧାରା ପରିଦୃଷ୍ଟ ହୁଏ । ପ୍ରଥମତଃ ଅନ୍ତରରୁ ଗୋଟାଏ ଆତ୍ମନିର୍ଭରଶୀଳ ଯଥାର୍ଥ ଉନ୍ନତି ଏବଂ ବାହାରରୁ ବିଭିନ୍ନ ପ୍ରଭାବ ଓ ଘାତ-ପ୍ରତିଘାତକୁ ନିଜର କରି ଗଢ଼ି ତୋଳିବାର ଶକ୍ତି । ବେଳେ ବେଳେ ଅନ୍ତରର ନିଜସ୍ୱ ଶକ୍ତି, କ୍ଷମତା ଓ ସାମର୍ଥ୍ୟ ଏପରି କ୍ଷୀଣ ଓ ଦୁର୍ବଳ ହୋଇପଡ଼େ ଯେ ବାହାରର ଘାତ-ପ୍ରତିଘାତ ବ୍ୟକ୍ତି ବା ଜାତିକୁ ସଂପୂର୍ଣ୍ଣ ଭାବେ ଧ୍ୱଂସ କରିଦିଏ । କିନ୍ତୁ ଭିତରେ ଯଦି ପ୍ରବଳ ଆତ୍ମାଭିମୁଖୀ ଶକ୍ତି, ସାମର୍ଥ୍ୟ ଓ ଅଭିବୃଦ୍ଧିର ବିଶାଳ ଓ ମହାନ୍ ଅଭୀପ୍ସା ଥାଏ ତେବେ ଏହା ବାହ୍ୟ ପ୍ରଭାବକୁ ସ୍ୱୀୟ ଧାରାରେ ନିଜର କରି ଗଢ଼ିତୋଳେ । ପ୍ରକୃତ କ୍ଷେତ୍ରରେ ଦେଖିବାକୁ ଗଲେ ଯେ ନିଜର ରାଜା, ସ୍ୱରାଟ୍, ସେହିହିଁ ସମ୍ରାଟ୍, ସମଗ୍ର ଜଗତର ରାଜା, ଚକ୍ରବର୍ତ୍ତୀ । ପ୍ରାଚୀନ ଭାରତୀୟ ଆଧ୍ୟାତ୍ମ-ଜ୍ଞାନର ଏହା ଗୋଟାଏ ଗୂଢ଼ ତତ୍ତ୍ୱ ଥିଲା । ପ୍ରଥମେ ଆମ୍ଭମାନଙ୍କୁ ନିଜକୁ ଖୋଜି ବାହାର କରିବାକୁ ପଡ଼ିବ, ତାହାପରେ ବାହ୍ୟ ଉନ୍ନତିର ଧାରାକୁ ଗ୍ରହଣ କରିବାକୁ ହେବ । ଯଦି ଆମ୍ଭେମାନେ ନିଜକୁ ନିଜର ଆତ୍ମକୈନ୍ଦ୍ରିକ ସତ୍ତା ଓ ଶକ୍ତିକୁ ଆବିଷ୍କାର କରି ନ ପାରୁ, ନିଜ ଜାତୀୟ ଜୀବନର ସାମର୍ଥ୍ୟ, ପ୍ରତିଭା, ଐଶ୍ୱର୍ଯ୍ୟ, ନିୟମନ ସମ୍ବନ୍ଧରେ ଅବଗତ ନ ହେଉ, ତେବେ ଆମ୍ଭେମାନେ 'ସ୍ୱଧର୍ମ'ରୁ ବିଚ୍ୟୁତ ହେଉ । ଯଦି ସ୍ୱଧର୍ମ ପୂର୍ଣ୍ଣ ଭାବରେ ରଖି ନ ପାରୁ ତେବେ ଧ୍ୱଂସପ୍ରାପ୍ତ ହେଉ, ଯଦି ଏହାକୁ ଅଳ୍ପ ବହୁତ ରକ୍ଷା କରିପାରୁ, ତେବେ ଗୋଟାଏ ଆନ୍ତର ଦୁର୍ବଳତା ବା ଅକ୍ଷମତା ଦେଖାଦିଏ । ଏହି ସମୟରେ ଆମ୍ଭେମାନେ ବାହ୍ୟ ପ୍ରଭାବର ଚାପାରେ ଭାସିଯାଉ, ନିଜକୁ ହୀନ ଓ ଦୟାର ପାତ୍ର ବୋଲି ମନେ କରୁ । ଯଦି ଏହି ସ୍ୱଧର୍ମକୁ ସ୍ୱୀୟ ପୁରୋଦୃଷ୍ଟି, ବିଜ୍ଞତା ଏବଂ ଅନ୍ତର୍ଚେତନାର ସୂକ୍ଷ୍ମତା ଦ୍ୱାରା ରକ୍ଷା କରି ନ ପାରୁ, ତେବେ ଗୋଟାଏ ବ୍ୟାପକ ବିଶୃଙ୍ଖଳା, ଦୁର୍ନୀତି, ଅନ୍ଧକାର ଓ ଅଧଃପତନ ଆସି ଦେଖାଦିଏ । ବର୍ତ୍ତମାନ ଭାରତରେ କେଉଁ ଅବସ୍ଥା ଦେଖାଦେଇଛି, ବିଜ୍ଞ ପାଠକମାନେ ତାହା ସ୍ଥିର କରନ୍ତୁ । ବାସ୍ତବରେ ଭାରତବର୍ଷ ଗୋଟାଏ ଗଭୀର ସଂକଟ ମଧ୍ୟ ଦେଇ ଗତି କରୁଛି । ଆମ୍ଭେମାନେ ଏପର୍ଯ୍ୟନ୍ତ ପାଶ୍ଚାତ୍ୟ ସଭ୍ୟତାର ବିଚାର ଓ

ଭାବଧାରାକୁ ନିଜର କରିପାରି ନାହୁଁ । ଏହା କରିବାକୁ ହେଲେ ବହୁ ବିଜ୍ଞତା, ସାବଧାନତା ଓ ତୁଳନାତ୍ମକ ଦୃଷ୍ଟି ସହିତ କରିବାକୁ ହେବ ।

ଏକଥା ସ୍ୱୀକାର୍ଯ୍ୟ ଯେ ଆଧୁନିକ ଜଗତର ଯେଉଁ ସଂସ୍କୃତି ଓ ସଭ୍ୟତା ତାହା ବହୁ ଭାଗରେ ୟୁରୋପୀୟ, ପାଶ୍ଚାତ୍ୟ । ପାଶ୍ଚାତ୍ୟ ଜୀବନଧାରା, ନୀତିତତ୍ତ୍ୱ, ସମାଜତତ୍ତ୍ୱହିଁ ଆଜି ଜଗତରେ ଆଧିପତ୍ୟ ବିସ୍ତାର କରିଛି । ପ୍ରାଚ୍ୟ ବା ଏସିୟାର ଭାବଧାରା ଆଜି ବି ନିମୀଳିତ, ଅର୍ଦ୍ଧ-ନିଦ୍ରିତ । ପ୍ରାଚ୍ୟ ବା ପାଶ୍ଚାତ୍ୟ ଆଜି କେହି କାହାଠାରୁ ନିଜକୁ ଅଲଗା କରି ରଖିପାରିବେ ନାହିଁ । ଅତୀତକୁ ଫେରିଯାଇ ଆମେ ଯାହା ଥିଲୁ, ତାହାହିଁ ରହିବୁ,— ଏହା କେବେ ବି ହୋଇ ନ ପାରେ । ଜଣେ ଚାଳିଶ ବର୍ଷ ବୟସ୍କ ବ୍ୟକ୍ତି ତା'ର ବାଲ୍ୟାବସ୍ଥାକୁ ଫେରି ଯାଇ ନ ପାରେ । ସେହିପରି ଆମର ଦେଶ ଓ ଜାତି ଆଜି ଆଧୁନିକତାକୁ ବର୍ଜନ କରି ଅତୀତକୁ ଫେରି ଯାଇ ନ ପାରେ । ଏହିପରି ଯଦି ଅତୀତକୁ ଫେରିଯିବା ନିମିତ୍ତ ଏକ ଆନ୍ଦୋଳନ କରାଯାଏ ତେବେ ତାହା ଚରମ ବ୍ୟର୍ଥତାରେ ପରିଣତ ହେବ । କିନ୍ତୁ ଭାରତର ପ୍ରାଚୀନ ଆଧ୍ୟାତ୍ମ-ସଂସ୍କୃତିର ମୂଳତତ୍ତ୍ୱଗୁଡ଼ିକ ଉପରେ ଛିଡ଼ା ହୋଇ ବର୍ତ୍ତମାନ ଓ ଭବିଷ୍ୟତ ଭାରତକୁ ସଂପୂର୍ଣ୍ଣ ରୂପେ ନିଜସ୍ୱ ଧାରାରେ ଗଢ଼ି ତୋଳିବାକୁ ହେବ । ସେତେବେଳେ ଆଧ୍ୟାତ୍ମିକ ଜୀବନ ପୂର୍ଣ୍ଣାଙ୍ଗ ହେବ, ସର୍ବାଙ୍ଗୀଣ ହେବ, ବିଶାଳ ହେବ, ମହାନ୍ ହେବ,— କେବଳ ମୋକ୍ଷ, ମୁକ୍ତି, ସନ୍ନ୍ୟାସ, ପରଲୋକ-ସର୍ବସ୍ୱ ହେବ ନାହିଁ ।

ଅତଏବ, ଆଧୁନିକ ଭାରତର ଯେଉଁ ସ୍ୱରୂପ ଗଢ଼ି ଉଠିବ ତାହା ଏକ ଜୀବନ୍ତ, ଶକ୍ତିଶାଳୀ, ଅଖଣ୍ଡ, ପୂର୍ଣ୍ଣାଙ୍ଗ, ସର୍ବବ୍ୟାପୀ ଅଧ୍ୟାତ୍ମ-ସ୍ୱରୂପ-ଅତିମାନସ ଭୂମିର ଦିବ୍ୟ-ଚେତନା, ସାମର୍ଥ୍ୟ, ଜ୍ଞାନ ଓ ଆନନ୍ଦରେ ଗଠିତ ନୂତନ ଭୂ-ସ୍ୱର୍ଗ । ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକତାହିଁ ନିରାକାର, ସାକାର, ସଗୁଣ, ନିର୍ଗୁଣ, ଅଦ୍ୱୈତ, ଦ୍ୱୈତ, ଜ୍ଞାନ, ପ୍ରେମ, ଭକ୍ତି, କର୍ମ, ସକଳ ତତ୍ତ୍ୱ ଓ ସକଳ ସତ୍ୟର ମହାନ୍ ମିଳନ-ଭୂମି । ଏହାହିଁ ଉପନିଷଦର ବିଜ୍ଞାନଭୂମି, ଅତିମାନସ-ତତ୍ତ୍ୱ,, ଆଲୋକ ଓ ଜ୍ୟୋତି । ଏହାହିଁ ଭବିଷ୍ୟତ୍ ଭାରତର ସ୍ୱଧର୍ମ, ଯାହାର ପ୍ରତିଷ୍ଠା ଓ ପ୍ରସାର



ଫଳରେ ଭାବୀ ନବଯୁଗ, ନୂତନ ସମାଜ ଓ ନୂତନ ଜୀବନ (ଦିବ୍ୟ-ଜୀବନ) ଦେଖା ଦେବ । ପରିଶେଷରେ ଏହାହିଁ ଭାରତର ସାଧନା — ଅତିମାନସର ଦିବ୍ୟ-ଜୀବନ ତତ୍ତ୍ୱରେ ନିଜକୁ ରୂପାନ୍ତରିତ କରି ଭବିଷ୍ୟତ୍ ଜୀବନଧାରାକୁ ଦୃଢ଼ତା ଓ ସାହସର ସହିତ ମୂର୍ତ୍ତ କରିବା ।

ଶ୍ରୀଅରବିନ୍ଦହିଁ ଭାରତର ଏହି ନୂତନ ''ସ୍ୱରୂପ, ସ୍ୱଧର୍ମ ଓ ସାଧନା''ର ଭୂମିକା ପ୍ରସ୍ତୁତ କରିଅଛନ୍ତି ଏବଂ ତାଙ୍କରି ତପସ୍ୟାଲବ୍ଧ ଦିବ୍ୟଶକ୍ତି ଦ୍ୱାରା କ୍ରମଶଃ ସମଗ୍ର ଜଗତରେ ଦେଶମାତୃକାଙ୍କର ଏହି ''ସ୍ୱରୂପ, ସ୍ୱଧର୍ମ ଓ ସାଧନା'' ପ୍ରଚାରିତ ହେବ । ଦେଶବାସୀ ଆଜିର 'ଦେବ-ମୁହୂର୍ତ୍ତ'ରେ, ଯୁଗସନ୍ଧିକ୍ଷଣରେ ଏହି ମହାନ୍ ସତ୍ୟ ପ୍ରତି ଦୃଷ୍ଟି ଦେବେ କି ? ନବ ଭାରତର ଉତ୍ଥାନର ଅର୍ଥହିଁ ଜଗତରେ ଭଗବାନଙ୍କ ପ୍ରକାଶ ଓ ଭାଗବତ ରାଜ୍ୟ ପ୍ରତିଷ୍ଠା ।

## ପନ୍ଦର ଅଗଷ୍ଟ, ୧୯୪୭*

### ଶ୍ରୀଅରବିନ୍ଦ

ଅଗଷ୍ଟ ୧୫, ୧୯୪୭ ସ୍ୱାଧୀନ ଭାରତର ଜନ୍ମଦିନ । ଭାରତବର୍ଷ ପାଇଁ ଦିନଟି ଏକ ପୁରାତନ ଯୁଗର ସମାପ୍ତିର ତଥା ଏକ ନବଯୁଗର ଆରମ୍ଭର ପ୍ରତୀକ । କିନ୍ତୁ ଏକ ସ୍ୱାଧୀନ ଜାତି ଭାବରେ ଆମ ଜୀବନ ଓ କର୍ମ ଦ୍ୱାରା ଏ ଦିନଟିକୁ ଆମେ ସମଗ୍ର ବିଶ୍ୱ ପାଇଁ, ମାନବଜାତିର ରାଜନୈତିକ, ସାମାଜିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ପ୍ରଗତି ପାଇଁ ଉନ୍ମୋଚିତ ହେଉଥିବା ନବଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ଦିବସରେ ପରିଣତ କରିପାରୁଁ ।

ଅଗଷ୍ଟ ପନ୍ଦର ମୋ ନିଜ ଜନ୍ମଦିନ । ଦିନଟି ଯେ ଏଭଳି ବ୍ୟାପକ ତାତ୍ପର୍ଯ୍ୟମଣ୍ଡିତ ହେଲା, ମୋ ପାଇଁ ତାହା ତୃପ୍ତିକର ହେବା ସ୍ୱାଭାବିକ । ଏ ଯୋଗାଯୋଗକୁ ମୁଁ ଏକ ଆକସ୍ମିକଭାବେ ସଂଘଟିତ ବ୍ୟାପାର ବୋଲି ମନେ କରୁ ନାହିଁ, ବରଂ ଯେଉଁ କାର୍ଯ୍ୟ ହାତକୁ ନେଇ ମୁଁ ଜୀବନ ଆରମ୍ଭ କରିଥିଲି ସେହି କାର୍ଯ୍ୟର ସଂପୂର୍ଣ୍ଣ ରୂପାୟନ-ପର୍ଯ୍ୟାୟ ଉପରେ ସର୍ବଦା ଦିଗ୍‌ଦର୍ଶନ ଦେଇଥିବା ଦିବ୍ୟଶକ୍ତିର ସମର୍ଥନ ଓ ମଞ୍ଜୁରୀ ଭାବରେ ଦେଖୁଛି । ବାସ୍ତବିକ ଆଜି ମୁଁ ଦେଖିପାରୁଛି, ଯେଉଁସବୁ ବିଶ୍ୱବ୍ୟାପୀ ଆନ୍ଦୋଳନ ଏକଦା ଅବାସ୍ତବ ସ୍ୱପ୍ନ ଭଳି ମନେହେବା ସତ୍ତ୍ୱେ ମୋ ଜୀବଦ୍ଦଶାରେ ପରିପୂର୍ଣ୍ଣତା ଲାଭ କରିବ ବୋଲି ମୁଁ ଆଶା କରୁଥିଲି, ସେସବୁ ଈପ୍‌ସିତ ପରିଣତି ଲାଭ କରୁଛନ୍ତି ବା କରିବାକୁ ଯାଉଛନ୍ତି । ଏସମସ୍ତ ବ୍ୟାପାରରେ ସ୍ୱାଧୀନ ଭାରତ ଏକ ବ୍ୟାପକ ଏବଂ ନେତୃସ୍ଥାନୀୟ ଭୂମିକା ଗ୍ରହଣ କରିପାରେ ।

ସେସବୁ ସ୍ୱପ୍ନ ଭିତରେ ପ୍ରଥମ ହେଲା ଏକ ବୈପ୍ଳବିକ ଆନ୍ଦୋଳନ

* ସ୍ୱାଧୀନତା ପ୍ରାପ୍ତି ଉପଲକ୍ଷ୍ୟେ ଭାରତର ବେତାର ବିଭାଗ (ଆଜିର ଆକାଶବାଣୀ) ର ଅନୁରୋଧରେ ଶ୍ରୀଅରବିନ୍ଦଙ୍କ ବାର୍ତ୍ତା ।



ଯାହା ଦ୍ୱାରା ସମ୍ଭବ ହେବ ମୁକ୍ତ ଓ ଏକତାବଦ୍ଧ ଭାରତ । ଭାରତ ଆଜି ସ୍ୱାଧୀନ ସତ, କିନ୍ତୁ ଏକତା ହାସଲ କରିପାରି ନାହିଁ । ଥରେ ତ ଏମିତି ବି ମନେ ହୋଇଥିଲା ଯେ ସ୍ୱାଧୀନତା ଲାଭ କରିବା ଭିତରେହିଁ ସେ ପ୍ରାକ୍-ବ୍ରିଟିଶ୍ ଯୁଗର ରାଜ୍ୟବହୁଳ ବିଶୃଙ୍ଖଳାକୁ ଲେଉଟିଯିବ । ସୌଭାଗ୍ୟର କଥା, ସେଭଳି ବିପଦ ଏଡ଼ି ହୋଇଯିବା ସଙ୍ଗେ ସଙ୍ଗେ ଐକ୍ୟ ସାଧନ ନ ହେବା ସତ୍ତ୍ୱେ ଏକ ବିଶାଳ ଓ ଶକ୍ତିଶାଳୀ ସଂଯୁକ୍ତ ରାଷ୍ଟ୍ର ସ୍ଥାପନ ଖୁବ୍ ସମ୍ଭବ ବୋଲି ବର୍ତ୍ତମାନ ମନେ ହୁଏ । ଆହୁରି ମଧ୍ୟ ସଂବିଧାନ-ପ୍ରଣୟନ ସଭାର ପ୍ରାଜ୍ଞ, କଠୋର ବିଧାନ ଯୋଗୁଁ ଅନୁନ୍ନତ ସମ୍ପ୍ରଦାୟର ସମସ୍ୟାସବୁ ଦଳାଦଳି ଭେଦାଭେଦ ବିନା ସମାହିତ ହେବାର ସମ୍ଭାବନା ବଳବତ୍ତର ହୋଇଛି । କିନ୍ତୁ ହିନ୍ଦୁ ଓ ମୁସଲମାନ ବୋଲି ଯେଉଁ ପୁରୁଣା ସାଂପ୍ରଦାୟିକ ବିଭାଜନ ଥିଲା ତାହା ଏକ ସ୍ଥାୟୀ ରାଜନୈତିକ ଦେଶବିଭାଗରେ ପରିଣତ ହୋଇଛି । ଆଶା କରାଯାଉ, ଏ ସ୍ଥିରୀକୃତ ବ୍ୟବସ୍ଥା ଚିରକାଳ ପାଇଁ ସ୍ଥିରୀକୃତ ବୋଲି ବା ସାମୟିକ ଅତ୍ୟାବଶ୍ୟକତାରୁ ଅଧିକ କିଛି ଭାବରେ ବିବେଚିତ ହେବ ନାହିଁ । କାରଣ ଏ ବିଭାଜନ ଯଦି ବଜାୟ ରହେ ତେବେ ଭାରତ ଗୁରୁତର ଭାବେ ଦୁର୍ବଳ, ଏପରିକି ପଙ୍ଗୁ ହୋଇଯାଇପାରେ : ସାମାଜିକ ବିବାଦ ବିସମ୍ବାଦ ସର୍ବଦା ଘଟିବାର ସମ୍ଭାବନା ସଙ୍ଗେ ସଙ୍ଗେ ଏପରିକି ନୂତନ ଆକ୍ରମଣ ଓ ବିଦେଶୀ ଦଖଲ ବି ଘଟିପାରେ । ଭାରତର ଆଭ୍ୟନ୍ତରୀଣ ବିକାଶ ଏବଂ ସମୃଦ୍ଧି ବାଧାପ୍ରାପ୍ତ ହୋଇପାରେ, ମହାଜାତି-ଗୋଷ୍ଠୀ ଭିତରେ ତା'ର ସ୍ଥାନ ଦୁର୍ବଳ ହୋଇଯାଇପାରେ ଏବଂ ତା'ର ଭବିତବ୍ୟତା କ୍ଷତିଗ୍ରସ୍ତ ଏପରିକି ବ୍ୟର୍ଥ ହୋଇଯାଇପାରେ । କଦାପି ଏହା ହେବା ଉଚିତ ନୁହେଁ । ବିଭାଜନ ନିଶ୍ଚିତ ଭାବେ ଦୂର ହେବା ଉଚିତ । ଆମେ ଆଶା କରିବା ତାହା ସ୍ୱାଭାବିକ ଭାବରେହିଁ ହେବ, କେବଳ ଶାନ୍ତି ଓ ସଂହତିର ଆବଶ୍ୟକତା ଅଧିକରୁ ଅଧିକ ସ୍ୱୀକୃତି ପାଇବା ଯୋଗୁଁ ନୁହେଁ, ଉଭୟଙ୍କ କର୍ମସୂଚୀ, ସେ କର୍ମର କାର୍ଯ୍ୟକାରିତା ଏବଂ ସେ ଦିଗରେ ଅନୁସୃତ ପଦ୍ଧତି ଉଭୟଙ୍କ ପାଇଁ ଏକା ହୋଇଥିବା ଯୋଗୁଁ । ଏହି ମାର୍ଗରେ ଅବଶେଷରେ ଏକତା ଆସିପାରେ –

ତା'ର ରୂପରେଖ ଯାହା ହେଉ ନା କାହିଁକି – ଯଥାଯଥ ରୂପରେଖର ଏକ ପ୍ରୟୋଗାତ୍ମକ ଗୁରୁତ୍ୱ ଥାଇପାରେ, ମୌଳିକ ଗୁରୁତ୍ୱ କିଛି ନାହିଁ । କିନ୍ତୁ ଯେକୌଣସି ପନ୍ଥାରେ, ଯେକୌଣସି ମାର୍ଗରେ ହେଉ ନା କାହିଁକି, ବିଭାଜନ ଜରୁର୍ ଦୂର ହେବା ଚାହି; ଐକ୍ୟ ଜରୁର୍ ହାସଲ ହେବା ଚାହି ଏବଂ ତାହା ହେବ । କାରଣ ଭାରତର ଭବିଷ୍ୟତ୍ ମହାନତା ପାଇଁ ତାହା ଆବଶ୍ୟକ ।

ଏସିଆର ମହାଜାତି ସମୂହର ଅଭ୍ୟୁତ୍‌ଥାନ ଏବଂ ମୁକ୍ତି ଏବଂ ମାନବ ସଭ୍ୟତାର ପ୍ରଗତିରେ ତା'ର ପୁନର୍ବାର ଭୂମିକା ଗ୍ରହଣ ଥିଲା ଅନ୍ୟ ଏକ ସ୍ୱପ୍ନ । ଏସିଆ ଜାଗରିତ ହୋଇଛି; ତା'ର ବିରାଟ ଅଂଶମାନ ବର୍ତ୍ତମାନ ବେଶ୍ ସ୍ୱାଧୀନ, କିଂବା ସେମାନେ ଏହି ମୁହୂର୍ତ୍ତରେ ସ୍ୱାଧୀନତା ଲାଭ କରୁଛନ୍ତି : ପରାଧୀନ କିଂବା ଆଂଶିକ ପରାଧୀନ ଅନ୍ୟ ଅଂଶମାନ, ସଂଗ୍ରାମ ଯେକୌଣସି ପ୍ରକାରର ହେଉ ନା କାହିଁକି, ତାହା ଭିତର ଦେଇ ସେମାନେ ସ୍ୱାଧୀନତା ଦିଗରେ ଅଗ୍ରସର ହେଉଛନ୍ତି । ଅଳ୍ପ କିଛିମାତ୍ର ଆଉ କରିବାର ଅଛି ଏବଂ ଆଜି ହେଉ ବା କାଲି ହେଉ ତାହା ହେବ । ସେ କ୍ଷେତ୍ରରେ ଭାରତକୁ ତା'ର ଭୂମିକା ତୁଲାଇବାକୁ ହେବ ଏବଂ ତାହା ସେ ଯେପରି ଉତ୍ସାହ ଓ ସାମର୍ଥ୍ୟ ସହକାରେ ତୁଲାଇବାକୁ ଆରମ୍ଭ କରିଛି, ତାହା ତା' ଭିତରେ ନିହିତ ସମ୍ଭାବନା ଓ ମହାଜାତି ମଣ୍ଡଳୀରେ ସେ ଯେଉଁ ସ୍ଥାନ ଅଧିକାର କରିପାରିବ, ତା'ର ସୂଚନା ଦେଉଛି ।

ସମଗ୍ର ମାନବଜାତିର ଏକ ଉନ୍ନତତର, ଉଜ୍ଜ୍ୱଳତର ଏବଂ ମହତ୍ତର ଜୀବନର ବହିର୍ଭିତ୍ତି ଭାବରେ ଏକ ବିଶ୍ୱସଂଘ ଥିଲା ତୃତୀୟ ସ୍ୱପ୍ନ । ମାନବ ଜଗତର ସେ ଐକ୍ୟସାଧନ ପ୍ରକ୍ରିୟା ବର୍ତ୍ତମାନ ଚାଲିଛି; ଗୋଟାଏ ତ୍ରୁଟିପୂର୍ଣ୍ଣ ପ୍ରାରମ୍ଭିକ ଉଦ୍ୟମ ବିପୁଳ ବାଧା ବିରୋଧରେ ଲଢ଼େଇ କରିଚାଲିଛି । କିନ୍ତୁ ସେ ଦିଗରେ ଗତିବେଗ ଅବ୍ୟାହତ ରହିଛି ଏବଂ ତାହା ଅନିବାର୍ଯ୍ୟ ଭାବରେ ବଢ଼ିବ ଓ ବିଜୟୀ ହେବ । ଏ କ୍ଷେତ୍ରରେ ବି ଭାରତବର୍ଷ ଏକ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଆରମ୍ଭ କରିଛି ଏବଂ ସେ ଯଦି ଏପରି ବୃହତ୍ତର ନେତୃତ୍ୱ



ଦେବା ଭଳି ଶକ୍ତିର ବିକାଶ ସାଧନ କରିପାରେ ଯାହା ସାମୟିକ ବାସ୍ତବତା ଏବଂ ଆଶୁ ସମ୍ଭାବନା ଭିତରେ ସୀମିତ ନ ରହି ଭବିଷ୍ୟତ୍ ଭିତରକୁ ଦୃଷ୍ଟିପାତ କରି ତାକୁ ନିକଟତର କରିପାରେ, ତେବେ ସେ ଏସବୁ ପରିସ୍ଥିତିରେ ବିପୁଳ ପରିବର୍ତ୍ତନ ଆଣିପାରେ । ମନ୍ଥର ଓ ଭୀରୁ ନ ହୋଇ ସେ ଦିଗରେ ପ୍ରଗତି ହୋଇପାରେ ସାହସିକ ଓ କ୍ଷିପ୍ର । ଯାହା ସାଧିତ ହେଉଛି, ସେଥିରେ ଏକ ଦୁର୍ବିପାକ ହସ୍ତକ୍ଷେପ କରିପାରେ, ବାଧା ଦେଇପାରେ ବା ତାକୁ ଧ୍ୱଂସ ବି କରିଦେଇପାରେ, ତଥାପି ଚୂଡ଼ାନ୍ତ ଫଳ ନିଶ୍ଚିତ । କାରଣ ଐକ୍ୟ ହେଲା ପ୍ରକୃତିର ଏକ ପ୍ରୟୋଜନୀୟତା, ଏକ ଅନିବାର୍ଯ୍ୟ ଧାରା । ମହାଜାତିସମୂହ ପାଇଁ ତା'ର ଆବଶ୍ୟକତା ମଧ୍ୟ ସ୍ପଷ୍ଟ । କାରଣ ତାହା ବିନା କ୍ଷୁଦ୍ର ମହାଜାତିମାନଙ୍କର ସ୍ୱାଧୀନତା ଯେକୌଣସି ମୁହୂର୍ତ୍ତରେ ବିପଦାପନ୍ନ ହୋଇପାରେ । ଏପରିକି ବୃହତ୍ ଓ ଶକ୍ତିଶାଳୀ ମହାଜାତିମାନଙ୍କ ଜୀବନ ବି ଆପଦପୂର୍ଣ୍ଣ ହୋଇପାରେ । ତେଣୁ ଐକ୍ୟ ସମସ୍ତଙ୍କ ସ୍ୱାର୍ଥ ପାଇଁ ଲୋଡ଼ା । କେବଳ ମାତ୍ର ମଣିଷର ନିର୍ବୋଧତା ଏବଂ ମୂର୍ଖ ସ୍ୱାର୍ଥପରତା ତାକୁ ପ୍ରତିହତ କରିପାରେ । କିନ୍ତୁ ପ୍ରକୃତିର ପ୍ରୟୋଜନ ଏବଂ ଦିବ୍ୟ ସଂକଳ୍ପ ବିରୋଧରେ ଏସବୁ ଚିରକାଳ ଠିଆ ହୋଇପାରିବେ ନାହିଁ । କିନ୍ତୁ ଖାଲି ଗୋଟାଏ ବହିର୍ଭିତ୍ତି ଯଥେଷ୍ଟ ନୁହେଁ । ଗୋଟାଏ ଆନ୍ତର୍ଜାତିକ ଚେତନା ଏବଂ ଦୃଷ୍ଟିକୋଣର ବିକାଶ ଲୋଡ଼ା; ଆନ୍ତର୍ଜାତିକ ପ୍ରତିଷ୍ଠାନ ଓ ଅନୁଷ୍ଠାନ, ସମ୍ଭବତଃ ଯୁଗ୍ମ ବା ବହୁଦେଶୀୟ ନାଗରିକତ୍ୱ, ସ୍ୱେଚ୍ଛାକୃତ, ଆଦାନପ୍ରଦାନ କିଂବା ସ୍ୱତଃସ୍ଫୂର୍ତ୍ତ ସାଂସ୍କୃତିକ ସମନ୍ୱୟ ଲୋଡ଼ା । ଜାତୀୟତାବୋଧ ତା'ର ଭୂମିକା ତୁଲାଇ ସାରିଥିବ; ତା'ର ଲଢୁଆ ମନୋଭାବ ହରାଇଥିବ ଏବଂ ସେସବୁକୁ ଆତ୍ମସଂରକ୍ଷଣ ଏବଂ ଦୃଷ୍ଟିକୋଣର ପୂର୍ଣ୍ଣାଙ୍ଗତାର ବିରୋଧୀ ବୋଲି ମନେ କରିବ ନାହିଁ । ମାନବଜାତିକୁ ଉଦ୍‌ବୁଦ୍ଧ କରୁଥିବ ଏକ ନୂତନ ଐକ୍ୟ ଚେତନା ।

ଆଉ ଏକ ସ୍ୱପ୍ନ – ପୃଥିବୀକୁ ଭାରତର ଆଧ୍ୟାତ୍ମିକ ଅବଦାନ ଆରମ୍ଭ ହୋଇସାରିଛି । ଭାରତର ଆଧ୍ୟାତ୍ମିକ ଜ୍ଞାନ ୟୁରୋପ ଓ ଆମେରିକାରେ ଅଧିକରୁ ଅଧିକ ମାତ୍ରାରେ ପ୍ରବେଶ କରୁଛି । ଏ ଆନ୍ଦୋଳନ ବଢ଼ିବ । ଆଜିର ଦୁର୍ଯୋଗ

ସମୟରେ କ୍ରମାଗତ ଅଧିକ ଆଶାୟୀ ଦୃଷ୍ଟି ଭାରତ ଉପରେ ନିବଦ୍ଧ ହେବ । ଖାଲି ଭାରତର ଜ୍ଞାନ ଦିଗରେ ନୁହେଁ, ତା'ର ଆତ୍ମାଗତ ଏବଂ ଆଧ୍ୟାତ୍ମିକ ସାଧନା ପ୍ରତି କ୍ରମେ ଅଧିକ ଲୋକ ପ୍ରବୃତ୍ତ ହେଉଛନ୍ତି ।

ଶେଷ ସ୍ୱପ୍ନ ଥିଲା ବିବର୍ତ୍ତନର ଏକ ନୂତନ ପଦକ୍ଷେପ ଯାହା ମଣିଷକୁ ଏକ ଉଚ୍ଚତର ଓ ବୃହତ୍ତର ଚେତନାକୁ ଉନ୍ନୀତ କରିବ — ଏବଂ ମଣିଷ ଯେବେଠାରୁ ବ୍ୟକ୍ତିଗତ ପୂର୍ଣ୍ଣତା ଏବଂ ଏକ ପୂର୍ଣ୍ଣାଙ୍ଗ ସମାଜର ସ୍ୱପ୍ନ ଦେଖିବାକୁ ଆରମ୍ଭ କଲାଣି ସେବେଠାରୁ ତାକୁ ବ୍ୟସ୍ତ ବିବ୍ରତ କରି ଆସିଥିବା ସମସ୍ୟାସବୁର ସମାଧାନ ଆରମ୍ଭ ହେବ । ଅଦ୍ୟାବଧି ଏହା ଏକ ବ୍ୟକ୍ତିଗତ ଆଶା ଏବଂ ଧାରଣା — ତେବେ ଉଭୟ ଭାରତବର୍ଷ ଏବଂ ପାଶ୍ଚାତ୍ୟର ପ୍ରଗତିଶୀଳ ମଣିଷଙ୍କ ମନକୁ ପ୍ରଭାବିତ କରୁଥିବା ଏକ ଧାରଣା । ଏ ପଥରେ ବାଧା ପ୍ରତିବନ୍ଧକ ଅନ୍ୟସବୁ ପ୍ରୟାସର କ୍ଷେତ୍ର ତୁଳନାରେ ପ୍ରଚଣ୍ଡତର, କିନ୍ତୁ ବାଧା ପ୍ରତିବନ୍ଧକ ଆସନ୍ତି ସେସବୁକୁ ଅତିକ୍ରମ କରାଯିବା ନିମନ୍ତେ ଏବଂ ଯଦି ପରମଶକ୍ତିର ତାହାହିଁ ଇଚ୍ଛା ହୋଇଥିବ, ତେବେ ସେସବୁ ନିଶ୍ଚିତ ଭାବରେ ଅତିକ୍ରାନ୍ତ ହେବେ । ଏ କ୍ଷେତ୍ରରେ ମଧ୍ୟ, ଯଦି ଏହି ବିବର୍ତ୍ତନ ହେବ ତେବେ, ଯେହେତୁ ଏହା ଚୈତନ୍ୟର ଏବଂ ଅନ୍ତର୍ଚେତନାର ବିକାଶ ମାଧ୍ୟମରେହିଁ ସମ୍ଭବପର ହେବ, ତେଣୁ ଭାରତରୁହିଁ ସେ ଦିଗରେ ପ୍ରବର୍ତ୍ତନା ଆସିପାରେ ଏବଂ ସେ ପ୍ରକ୍ରିୟା ସର୍ବପ୍ରସାରୀ ହେବା ସତ୍ତ୍ୱେ ତା' କେନ୍ଦ୍ରଭୂମି ହୋଇପାରେ ଭାରତ ।

ଭାରତର ଏହି ମୁକ୍ତିଦିବସ ଭିତରକୁ ମୁଁ ଏହି ତାତ୍ପର୍ଯ୍ୟ ଆରୋପ କରୁଛି । ଏ ଆଶା ଯଥାର୍ଥ ହେବ କି ନା ଏବଂ କେତେଦୂର ହେବ ତାହା ନିର୍ଭର କରେ ନୂତନ, ସ୍ୱାଧୀନ ଭାରତବର୍ଷ ଉପରେ ।

ଅନୁବାଦ : ଶ୍ରୀ ମନୋଜ ଦାସ

(S.A.B.C.L. Vol. 26, On Himself, pp. 404-06)

# ଭାରତର
# ସ୍ୱରୂପ, ସ୍ୱଧର୍ମ ଓ ସାଧନା

ଅଧ୍ୟାପକ ଶ୍ରୀ ପ୍ରପତ୍ତି

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ
ପଣ୍ଡିଚେରୀ

**ଭାରତର ସ୍ୱରୂପ, ସ୍ୱଧର୍ମ ଓ ସାଧନା**
ଲେଖକ : ଅଧ୍ୟାପକ ଶ୍ରୀ ପ୍ରପତ୍ତି

ପ୍ରଥମ ସଂସ୍କରଣ : ୧୯୭୨
ଦ୍ୱିତୀୟ ସଂସ୍କରଣ : ୨୦୦୫

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୧୯୭୨

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ - ୬୦୫ ୦୦୨

**Bharatara Swarupa, Swadharma O' Sadhana** (Oriya)
By Prof. Sri Prapatti

1st Edition : 1972
2nd Edition : 2005

Price Rs. 15/-

© Sri Aurobindo Ashram Trust, 2005

Published by Navajyoti Karyalaya,
A unit of Sri Aurobindo Ashram Publication Department,
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

## ପ୍ରାକ୍ କଥନ

[ପ୍ରଥମ ସଂସ୍କରଣ, ୧୯୭୨]

ଭାରତର ସାଂପ୍ରତିକ ରାଜନୈତିକ, ଅର୍ଥନୈତିକ, ସାମାଜିକ, ତଥା ନୈତିକ ମୂଲ୍ୟବୋଧ, ଏକ ଧ୍ୱଂସମୁଖୀ ବିସ୍ଫୋରଣର ସମ୍ମୁଖୀନ । ପ୍ରତ୍ୟେକ କ୍ଷେତ୍ରରେ 'ବର୍ତ୍ତମାନ' ବିରୋଧରେ ଅସନ୍ତୋଷ, ବିଦ୍ରୋହ ପରିଲକ୍ଷିତ, କେବଳ ଚିନ୍ତାରାଜ୍ୟରେ ନୁହେଁ; ବାସ୍ତବ କର୍ମକ୍ଷେତ୍ରରେ ମଧ୍ୟ ।

"His past lives in him; it drives his future's pace;
His present's acts fashion his coming fate."

(Savitri : Book - VII, Canto -2)

ଏହି ଦିବ୍ୟଦୃଷ୍ଟିରେ, ଭାରତର 'ବର୍ତ୍ତମାନ' ଯେ ତା'ର ଋଦ୍ଧିମନ୍ତ 'ଅତୀତ'ଠାରୁ ସଂପୂର୍ଣ୍ଣ ବିଚ୍ଛିନ୍ନ, ତା'ର ଅତୀତ ଓ ବର୍ତ୍ତମାନ ମଧ୍ୟରେ କୌଣସି ସମନ୍ୱୟର ସୂତ୍ର ନାହିଁ — ଏହା ଦିବାଲୋକ ପରି ସ୍ପଷ୍ଟ । ପୁନଶ୍ଚ ଭାରତୀୟ ଆତ୍ମାର ବିକାଶରେ ବର୍ତ୍ତମାନର ପରିସ୍ଥିତି ସଂପୂର୍ଣ୍ଣ ପ୍ରତିକୂଳ । ଯଦି ବର୍ତ୍ତମାନର କାର୍ଯ୍ୟଧାରା ଏପରି ଭାବରେ ଅପ୍ରତିହତ ଚାଲିବାକୁ ସୁଯୋଗ ଦିଆଯାଏ, ତେବେ ଭାରତୀୟ ଆତ୍ମା ସଂକୁଚିତ ଏପରିକି ସଂପୂର୍ଣ୍ଣ ନିର୍ବାପିତ ହୋଇଯିବ ।

ଏଇ ଦୃଷ୍ଟିରୁ ଭାରତର ଜନସାଧାରଣ ଏଜାତିର ସ୍ୱରୂପ, ସ୍ୱଧର୍ମ ଓ ସାଧନା ବିଷୟରେ ସଚେତନ ହୋଇ ତଦନୁଯାୟୀ ଆସନ୍ନ ପରିବର୍ତ୍ତନ ପାଇଁ ଜାତିକୁ ପ୍ରସ୍ତୁତ କରିବା ପ୍ରୟୋଜନ ।

ଏ ସଂପର୍କରେ ଦିଗ୍‌ଦର୍ଶନ ଦେଇ ଶ୍ରୀଅରବିନ୍ଦ ଆଶ୍ରମର ସାଧକ ଅଧ୍ୟାପକ ଶ୍ରୀ ପ୍ରପତ୍ତି ''ଭାରତର ସ୍ୱରୂପ, ସ୍ୱଧର୍ମ ଓ ସାଧନା'' ଶୀର୍ଷକ ଚାରୋଟି ଧାରାବାହିକ ଲେଖା 'ନବଜ୍ୟୋତି'ରେ ପ୍ରକାଶ କରିଥିଲେ । ବର୍ତ୍ତମାନ ଭାରତର ପରିବର୍ତ୍ତନମୁଖୀ ପରିସ୍ଥିତିର ଅନୁଧ୍ୟାନ ତଥା ପ୍ରତିବିଧାନ ନିମିତ୍ତ ଶ୍ରୀ ପ୍ରପତ୍ତିଙ୍କର ଏଇ ବିଶ୍ଳେଷଣାତ୍ମକ ଲେଖାଟିର ବିଶେଷ ମୂଲ୍ୟ ରହିଛି । ସୁତରାଂ ଏହାକୁ ଏକ ପୁସ୍ତିକାକାରରେ ପ୍ରକାଶ କରିବା ପାଇଁ ଶ୍ରୀଅରବିନ୍ଦ ଜ୍ଞାନ ମନ୍ଦିର ତରଫରୁ ଉଦ୍ୟମ ହୋଇଛି ।

ଏହାକୁ ପୁସ୍ତିକାକାରରେ ପ୍ରକାଶ କରିବା ପାଇଁ ଅନୁମତି ଦେଇଥିବାରୁ ଶ୍ରୀଅରବିନ୍ଦ ଜ୍ଞାନମନ୍ଦିର ଅଧ୍ୟାପକ ଶ୍ରୀ ପ୍ରପତ୍ତିଙ୍କଠାରେ ଅକୁଣ୍ଠିତ କୃତଜ୍ଞତା ପ୍ରକାଶ କରୁଅଛି ।

ଆଶାକରୁ, ଜନସାଧାରଣ ଏହା ଦ୍ୱାରା ସବିଶେଷ ଉପକୃତ ହେବେ ।

ସମ୍ପାଦନା ମଣ୍ଡଳୀ

ଶ୍ରୀଅରବିନ୍ଦ ଜ୍ଞାନମନ୍ଦିର, ପେଟିନ୍ ସାହି, କଟକ

## ଦ୍ୱିତୀୟ ସଂସ୍କରଣ ଅବସରରେ

''ଭାରତର ସ୍ୱରୂପ, ସ୍ୱଧର୍ମ ଓ ସାଧନା'' — ଏହି ପୁସ୍ତିକାଟିର ପ୍ରଥମ ପ୍ରକାଶକ ଓ ସମ୍ପାଦକମଣ୍ଡଳିଙ୍କୁ ଆମର ଧନ୍ୟବାଦ ଜଣାଉଛୁଁ ।

ଭାରତ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ତତ୍ତ୍ୱବିଚାର ଓ ଭବିଷ୍ୟ ଦୃଷ୍ଟିକୁ ଅତ୍ୟନ୍ତ ମାର୍ମିକ ଭାବେ ଉପଲବ୍ଧି କରିବା ପାଇଁ ଶ୍ରୀ ପ୍ରପତ୍ତିଙ୍କର ଏହି ପୁସ୍ତିକାଟି ଏକ ବିଶେଷ ମାଧ୍ୟମ ବୋଲି ଆମେ ଭାବୁଁ । ଏଣୁ ଏହାର ପ୍ରଥମ ପ୍ରକାଶନର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ପରେ ମଧ୍ୟ ଦ୍ୱିତୀୟ ସଂସ୍କରଣର ଆବଶ୍ୟକତା ଆମେ ଅନୁଭବ କଲୁଁ ।

ଏ ସଂସ୍କରଣର ବିଶେଷତ୍ୱ ଏହି ଯେ — ଲେଖାଗୁଡ଼ିକରେ ଉଦ୍ଧୃତି-ଗୁଡ଼ିକରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ମୂଳ ଲେଖାସବୁର ସୂଚନା ଦିଆଯାଇଛି; ଦ୍ୱିତୀୟତଃ, ୧୯୪୭ ରେ ଭାରତ ସ୍ୱତନ୍ତ୍ର ହେବା ଦିନ ଶ୍ରୀଅରବିନ୍ଦଙ୍କ ବାର୍ତ୍ତାର ଓଡ଼ିଆ ଅନୁବାଦ ଏହାର ଶେଷ ଅଧ୍ୟାୟ ରୂପେ ସଂଯୁକ୍ତ ହୋଇଛି ।

— ନବଜ୍ୟୋତି କାର୍ଯ୍ୟାଳୟ,
ପ୍ରକାଶନ ବିଭାଗ

# ସୂଚୀପତ୍ର


| ବିଷୟ | | | | | ପୃଷ୍ଠା |
|---|---|---|---|---|---|
| ପ୍ରାକ୍ କଥନ | ... | | ... | ... | ... |
| ଭାରତର ଭବିଷ୍ୟତ | ... | ଶ୍ରୀମା | ... | ... | ୧ |
| ଭାରତର ଆଭିମୁଖ୍ୟ | ... | | ... | ... | ୫ |
| ଭାରତର ଅନ୍ତର୍ଦ୍ୱନ୍ଦ୍ୱ | ... | | ... | ... | ୨୦ |
| ସମାଧାନ | ... | | ... | ... | ୩୦ |
| ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମୀକରଣ | ... | | ... | ... | ୩୪ |
| ୧୫ ଅଗଷ୍ଟ, ୧୯୪୭ | ... | ଶ୍ରୀଅରବିନ୍ଦ | ... | ... | ୪୩ |